ନାୟକ ଚନ୍ଦ୍ରସେଣ

କୁଂଜ ରାଏ

ସୁଦୀପ୍ତା ପ୍ରକାଶନ
ଭୁବନେଶ୍ୱର

Digitized by srujanika@gmail.com

ଚରିତ୍ର ସୂଚୀ

(ପ୍ରବେଶ କ୍ରମରେ)

ଚନ୍ଦ୍ରସେଣ

ମଧୁ

ମଙ୍ଗଳ

ନନ୍ଦ

ଯଶୋଦା

ରାଧା

ବୃନ୍ଦା

ଅକ୍ରୂର

ଲଳିତା

ଶ୍ରୀକୃଷ୍ଣ (କିଶୋର)

ଶ୍ରୀକୃଷ୍ଣ (ପରିଣତ ବୟସ୍କ)

●

Digitized by srujanika@gmail.com

ନାୟକ ଚନ୍ଦ୍ରସେଣ (ନାଟକ), ଲେଖକ   କୁଂଜ ରାଏ, ପ୍ରକାଶକ : ବୈଜୟନ୍ତୀ ମହାନ୍ତି, ସୁଦୀପ୍ତା ପ୍ରକାଶନ, ଜି.ଏଲ୍.-୭୮, ବୀରସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର-୪, ପ୍ରଥମ ପ୍ରକାଶ : ୧୯୯୧, ମୁଦ୍ରଣ : ସିଟି ପ୍ରିଣ୍ଟସ, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର-୪, ପ୍ରଚ୍ଛଦ ଶିଳ୍ପୀ : ଅସିତ୍ ମୁଖାର୍ଜୀ ।

ମୂଲ୍ୟ : **ବାଇଶି ଟଙ୍କା ମାତ୍ର**

NAYAKA CHANDRASENA (Play), Written by : Kunja Ray, Publisher   Baijayanti Mohanty, Sudipta Prakashan, GL-78, Vira Surendra Sai Nagar, Vanivihar Bhubaneswar-4, First Published   1991, Printer : City Printers, Vira Surendra Sai Nagar, Bhubaneswar-4, Cover Design : Asit Mukherjee.

Price : **Rs. 22-00**

Digitized by srujanika@gmail.com

ବା ବକ୍ଷଦେଶରେ ଚନ୍ଦ୍ରଙ୍କ ଅବସ୍ଥିତି ଯୋଗୁଁ ସେ ଥିଲେ ପୁରୁଷ ରୂପରେ କ୍ଲୀବ । ତାହା ମଧ୍ୟ ଜଣାପଡ଼େ ଅତ୍ୟନ୍ତ କ୍ଲିଷ୍ଟ, ବଯ୍ୟାକରଣିକ ସୂତ୍ରର ନିଷ୍ପ୍ରାଣ ସଂପ୍ରସାରଣ । ବରଂ ବ୍ରହ୍ମବୈବର୍ତ୍ତ ଓ ପଦ୍ମପୁରାଣରେ ରାଧା ଓ ଚନ୍ଦ୍ରସେଣ ଚରିତ୍ର ଦ୍ୱୟର ଯେଉଁ ପୂର୍ବ ବୃତ୍ତାନ୍ତର ଉଲ୍ଲେଖ ରହିଛି, ସେଥିରେ ଚନ୍ଦ୍ରସେଣଙ୍କୁ ଏକ ଚୌରିର ମାନବିକ ଆସ୍ୱାଦ୍ୟ ଚରିତ୍ର ଭାବେ ଉପସ୍ଥାପନାର ଯଥେଷ୍ଟ ଇଂଗିତ ରହିଅଛି । ତା ସତ୍ତ୍ୱେ ଚନ୍ଦ୍ରସେଣ ଚରିତ୍ରଟି ପ୍ରତି ଅମର କବି ଲେଖକମାନଙ୍କର ଅନାହା ଓ ଅବଜ୍ଞାର କାରଣ ହୁଏତ ଶ୍ରୀକୃଷ୍ଣଙ୍କୁ ପୁରୁଷଶ୍ରେଷ୍ଠ ରୂପେ ପ୍ରତିପାଦିତ କରାଇବା ପାଇଁ ସେମାନଙ୍କର ଉତ୍ସାହର ମାତ୍ରାତିରେକ୍ତ ଅଭିପ୍ରାୟ । କିନ୍ତୁ ପ୍ରତିପକ୍ଷ ବା ବିରୋଧାତ୍ମକ ଚରିତ୍ରମାନଙ୍କୁ ହୀନସ୍ଥାନ ଦୁର୍ବଳ ରୂପରେ ଚିତ୍ରିତ କରି ମୂଳ୍ୟ ନାୟକର ଚାରିତ୍ରିକ ବୈଶିଷ୍ଟ୍ୟ ଓ ଶ୍ରେଷ୍ଠତା ପ୍ରତିଷ୍ଠା ସମ୍ଭବ କି ? ଏକ ବିବର୍ଣ୍ଣ ପୃଷ୍ଠଭୂମିରେ ଅଂକିତ ଚିତ୍ରଟିଏ କେତେ ବର୍ଣ୍ଣାଢ଼୍ୟ ହୋଇପାରେ ଓ ସେଭଳି ହେବା କିନ୍ତୁ ଶାସ୍ତ୍ର ସମ୍ମତ କି ? ଏ ପ୍ରଶ୍ନ ଗୁଡ଼ିକର କୌଣସି ସନ୍ତୋଷଜନକ ଉତ୍ତର ମୁଁ ଖୋଜି ପାଇ ନାହିଁ । ବରଂ ଏହି ପରିପ୍ରେକ୍ଷିରେ ମନେ ହୋଇଛି ଯେମିତି ପୂର୍ବସୂରୀ କବି ଓ ଲେଖକ ବୃନ୍ଦ ଭବିଷ୍ୟତ ପ୍ରତି କରୁଣା ପରବଶ ହୋଇ ମୋ ଭଳି ଅର୍ବାଚୀନ କ୍ଷୁଦ୍ରଲେଖକଙ୍କୁ ମଧ୍ୟ ସେମାନଙ୍କ ବର୍ଣ୍ଣିତ କୃଷ୍ଣକଥାରେ କାଳାନ୍ତରେ ପରିଲକ୍ଷିତ ବୈସାଦୃଶ୍ୟ ଓ ଅସଂଗତି ଦୂରକରି ଏକ ନୂତନ ନାଟକ ରଚନାର ସୁଯୋଗ ଦେବା ପାଇଁ ସ୍ୱେଚ୍ଛାକୃତ ଭାବେ ଉପରୋକ୍ତ ପ୍ରଶ୍ନର ଉତ୍ତର ଗୁଡ଼ିକୁ ଅନୁକ୍ତ ରଖି ଯାଇଥିଲେ ।

ସେଇଥିପାଇଁ କୃଷ୍ଣାବତାରର ପ୍ରଣେତା ମହା-ମନୀଷୀ କୁଲପତି ମୁନ୍‌ସୀଙ୍କ ପ୍ରଦତ୍ତ ଅଭ୍ୟାନ୍ (ହିନ୍ଦୀଭାଷୀ ଅଞ୍ଚଳରେ ପ୍ରଚଳିତ ଚନ୍ଦ୍ରସେଣଙ୍କ ଅନ୍ୟ ନାମ) ଚରିତ୍ରର ସାମାଜିକ ସ୍ଥିତି ଓ ସଂପର୍କର ସୂଚନାକୁ ଆଧାର ରୂପେ ଗ୍ରହଣ କରି ଚନ୍ଦ୍ରସେଣ ଚରିତ୍ରର ସମନ୍ୱୟ ଓ ବିକାଶ ପାଠକଙ୍କୁ ମୁଁ ଏ ନାଟକର ମୁଖ୍ୟ ଉପଜୀବ୍ୟ ରୂପେ ଗ୍ରହଣ କରିଛି ।

Digitized by srujanika@gmail.com

ଲେଖକୀୟ

ଭାରତୀୟ ସଂସ୍କୃତି ଓ ସାହିତ୍ୟର ଅନ୍ୟତମ ମୂଳାଧାର ଋକ-ବେଦରେ ଉଲ୍ଲିଖିତ ଅଛି 'ପୁନଃପୁନଃ ଜାୟମାନା ପୁରାଣୀ', ଅର୍ଥାତ ସ୍ଥାନ ଓ କାଳ ଭେଦରେ ପୁରାଣ କଥାର ମଧ୍ୟ ପୁନର୍ଜନ୍ମ ଘଟେ । ମହାଭାରତକାର ବ୍ୟାସଙ୍କ ଭାଷାରେ—

"ଆଚଖ୍ୟୁଃ କବୟଃ କେଚିତ୍ ସଂପ୍ରତ୍ୟାଚକ୍ଷତେ ପରେ ।
ଆଖ୍ୟାସ୍ୟନ୍ତି ତଥୈବାନ୍ୟେ ଇତିହାସମିମଂ ଭୁବି ।"

ତେଣୁ ଅଦ୍ୟାବଧି ଅକର୍ମଣ୍ୟତା, ନବୋଧତା ଓ କାପୁରୁଷତାର ଦୃଷ୍ଟାନ୍ତ ପ୍ରତୀକ ଭାବେ ଗୃହୀତ କୃଷ୍ଣକଥାମାଳାର ସେହି ଦୟନୀୟ ଚରିତ୍ର 'ଚନ୍ଦ୍ରସେଣା' ନାମରୁ ଅବଜ୍ଞାସୂଚକ ଆ'କାରଟି ଉଠାଇବା ଉଦ୍ଦେଶ୍ୟରେ ଏ ନାଟକ 'ନାୟକ ଚନ୍ଦ୍ରସେଣ' ।

ବୈଷ୍ଣବ କବି ମହାଜନ ଓ ତାଙ୍କ ଉତ୍ତରସୂରୀବୃନ୍ଦଙ୍କୁ ମୋର ସଭକ୍ତି ପ୍ରଣାମ । ସେମାନଙ୍କର ରଚନା ହିଁ ମୋର ଆଦ୍ୟ ସାହିତ୍ୟାନୁରାଗ ଓ ପର-ବର୍ତ୍ତୀ ରଚନାକର୍ମର ମୁଖ୍ୟ ଉତ୍ସ ଓ ମୂଳ ଭିତ୍ତି । ସେମାନଙ୍କ ବର୍ଣ୍ଣିତ କୃଷ୍ଣ-କଥାରେ ଘଟଣା ପ୍ରବାହର ବ୍ୟତିକ୍ରମ ନ ଘଟାଇ କେବଳମାତ୍ର ନୂତନ ଅନୁପୁଂଖ ପ୍ରୟୋଗ ମାଧ୍ୟମରେ ସେହି ବର୍ଣ୍ଣୋଜ୍ଜ୍ୱଳ ଘଟଣା ଓ ଚରିତ୍ରମାନଙ୍କର ସାଂପ୍ରତିକତାର ମାନଦଣ୍ଡରେ ପୁନର୍ମୂଲ୍ୟାୟନ ଏ ନାଟକର ଉଦ୍ଦେଶ୍ୟ ।

'ଚନ୍ଦ୍ରସେଣ'ଙ୍କୁ ଯେ କାହିଁକି ନପୁଂସକ, ବୋକା, ଅନ୍ଧାରକଣା ଭଳି ଉପହାସଜନକ ଭାବେ ଚିତ୍ରିତ କରାଯାଇଛି ତାହା ଆପାତତଃ ମୋର ସ୍ଥୂଳ ବୁଦ୍ଧିର ବାହାରେ । ଏହି ନାମର ଯେଉଁ ଅନ୍ୟ ବ୍ୟାଖ୍ୟା : ସେହ୍ନା

Digitized by srujanika@gmail.com

।। ପ୍ରଥମ ଦୃଶ୍ୟ ।।

(ଗୋପପୁରରେ ଏକ ବ୍ୟାୟାମଶାଳା; ସମସ୍ତ ଅପରାହ୍ଣ—ଲକ୍ଷାବାଗ, କୌତୁକସୂତ୍ର ଇତ୍ୟାଦି ସଦ୍ୟ ବିବାହର ସମସ୍ତ ଲକ୍ଷଣଯୁକ୍ତ ଚନ୍ଦ୍ରସେଣ ଏକାକୀ ପଦଚାରଣାରତ—ନେପଥ୍ୟରୁ ମଦ୍ଦଳର ମଧୁର ସ୍ୱରଲହରୀ)

ଚନ୍ଦ୍ରସେଣ ।। (ସ୍ୱଗତ) ରାଧା ! ରାଧା ! କେଉଁ ପୁଣ୍ୟପ୍ରତ୍ୟୁଷର ମଧୁଲଗ୍ନରେ କେଉଁ ଦିବ୍ୟଦର୍ଶୀ କବି ପ୍ରଥମେ ଉଚ୍ଚାରିଥିଲା ଏ ନାମ ? ଗୋଟିଏ ଅଂଗରେ ଏତେ ରୂପଲାବଣ୍ୟ, ଗୋଟିଏ ଶବ୍ଦରେ ଏତେ ପୁଲକର ରୋମାଞ୍ଚ ! × × କିଏ ଏ ରାଧା ? ଆଲୋକର ସୀମାହୀନ ସାଗର ବକ୍ଷରେ ସହସ୍ରଦଳ-ପଦ୍ମ-ପରିଗତା କେଉଁ ଦେବକନ୍ୟା, ବା ପ୍ରଜ୍ୱଳିତ ଅଗ୍ନି ମଧ୍ୟରେ ଶୁଦ୍ଧସୁବର୍ଣ୍ଣ ଦ୍ୟୁତିରେ ପ୍ରକଟିତା କେଉଁ ଦେବୀ ? × × ମୁଁ କ'ଣ ଭଜନ ତା'ର ସ୍ୱାମୀପଣକୁ ? ତୁଚ୍ଛ ମୃତ୍ତିକା ପାତ୍ରରେ କଣ ଦେବଭୋଗ୍ୟ ଅମୃତ ରଖାଯାଏ, ବନର ବାନର କଣ୍ଠରେ କଣ ଶୋଭାପାଏ ଦେବୀ-ବକ୍ଷ-ସ୍ପର୍ଶ ଧନ୍ୟ ମୁକ୍ତାର ମାଳା ? × × ରାଧାର ଶିରୀଷ-କୋମଳ ଅଙ୍ଗ ସହିପାରିବ ତ ମୋ କର୍କଶ କରର ସ୍ଥୂଳ ଆଘାତ ? ମୋ କାମନାର ଉତ୍ତପ୍ତ ଖରଶ୍ୱାସ ମଳିନ କରିଦେବ ନାହିଁ ତ

Digitized by srujanika@gmail.com

ସକଳ କର୍ମର ନିରସନ ପରେ, ସବୁ ଆଶ୍ରୟ ଭାଙ୍ଗିଯିବା ପରେ ଜୀବନରେ ଯାହା କିଛୁ ଅବଶିଷ୍ଟ ରହିଯାଏ, ଯାହା ନିଜସ୍ୱ ନିଃସଙ୍ଗତା ଓ ସ୍ଥିର ଚିତ୍ତତା ବଳରେ ମନୁଷ୍ୟର ସ୍ୱୋପାର୍ଜିତ—ତାହା ହୋଇପାରେ କେଉଁ ସ୍ୱୟଂପ୍ରକାଶ ଜ୍ଞାନର କ୍ଷୀଣ ରଶ୍ମିରେଖା ବା ଅନ୍ତର୍ମନ୍ଥନର ବେଗରେ ଗଢ଼ି ଉଠିଥିବା କୌଣସି ନୂତନ ଉପଲବ୍ଧିର ହୀରକ ଖଣ୍ଡ, କିମ୍ବା ବେଦନାର ଅନ୍ତର୍ନିହିତ ଅନନ୍ୟ କୌଣସି ଏକ ଆନନ୍ଦବୋଧ ଅଥବା ଅବଲୁପ୍ତ ପ୍ରେମର ନିର୍ଯ୍ୟାସ କେଉଁ ଅମର୍ତ୍ତ୍ୟ ସୌନ୍ଦର୍ଯ୍ୟର ଆଭାସ—ମାନବ ଚରିତ୍ରର ସେହି ଶେଷ ସଂପଦର ପ୍ରତୀକ, ଦୁର୍ଲଭ ଅଥଚ ପ୍ରାର୍ଥନୀୟ ସେହି ସାର୍ଥକତାର ପ୍ରତିଭୂ ରୂପେ 'ଚନ୍ଦ୍ରସେଣ' ଚରିତ୍ରର ପରିକଳ୍ପନା ।

ଏ ନାଟକ ବେତାର ମାଧ୍ୟମରେ ପ୍ରସାରିତ ହୋଇଛି, ମାତ୍ର ଏହାର ମଞ୍ଚାୟନ ସମ୍ଭବ ହୋଇ ପାରିନାହିଁ । ଯଦି କୌଣସି ସହୃଦୟ ନାଟ୍ୟସଂସ୍ଥା ଏ ଦିଗରେ ଆଗ୍ରହ ପ୍ରକାଶ କରନ୍ତି, ମୁଁ ଖୁସି ହେବ ।

୧୯୮୬ରେ ରଚିତ ଏ ନାଟକଟିର ପ୍ରକାଶନ ପାଇଁ ମୁଁ ଧନ୍ୟବାଦ ଦେବ ଗାଳ୍ପିକ ଓ ଆଲୋଚକ ଡଃ ବିରଜା ମୋହନ ଦାସ, ମୋର ସ୍ନେହାସ୍ପଦ 'ବାପୁ'କୁ । ତାର ଜିଦ୍ ବ୍ୟତୀତ ନାୟକ ଚନ୍ଦ୍ରସେଣ ମୋ ଅଳିଆଗଦାରୁ ବାହାରକୁ ଯାଇ ପାରିନଥାନ୍ତା ।

ଆହୁରି ମଧ୍ୟ କୃତଜ୍ଞତା ସ୍ୱୀକାର କରୁଛି ସେହି ପୂର୍ବସୂରୀ କବିମାନଙ୍କ-ଠାରେ ଯେଉଁମାନଙ୍କଠାରୁ ଶବ୍ଦ, ରୂପକଳ୍ପ, ଚିତ୍ରକଳ୍ପ ଓ ବ୍ୟଞ୍ଜନା ଉଧାର ଆଣି ନାଟକରେ ପ୍ରୟୋଗ କରିଛି ।

ପରିଶେଷରେ ଏ ନାଟକଟି ଉତ୍ସର୍ଗ କରୁଛି ପରମ ବୈଷ୍ଣବ ଶ୍ରୀମତ୍ ଶ୍ରୀ ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ପଦ କମଳରେ ।

କୁଂଜ ରାଏ

Digitized by srujanika@gmail.com

ତାର ହବ୍ୟଥାର୍ଣ୍ଣ ? × × ନା, ଏ ସବୁ ଅକାରଣ ହୀନମନସ୍କତା । ଆଜି ଭଳି ଦିନରେ ମନରେ ଏମିତି ଶଙ୍କାର ଉଦ୍ରେକ ହିଁ ଅବାଞ୍ଛିତ । ଆଜି କେବଳ ଆନନ୍ଦ, ଉଲ୍ଲାସ, ସ୍ଫୂର୍ତ୍ତି, ଉପଭୋଗ । ମନୁଷ୍ୟ ଜୀବନର ଶ୍ରେଷ୍ଠତମ ପାଳନୀୟ ଗୃହସ୍ଥାଶ୍ରମର ପ୍ରଥମ ରଜନୀ ଆଜି, ଆଜିଠୁ ଆରମ୍ଭ ହେବ ପ୍ରବୃତ୍ତିମାନଙ୍କ ପରିତୃପ୍ତି ମାଧ୍ୟମରେ ଉତ୍ତରଣର ପ୍ରୟାସ । × × ହେ ଦେବଗଣ, ମୋତେ ଯୋଗ୍ୟତର କରାଅ, ରାଧା ଭଳି ବରନାରୀର ଉପଯୁକ୍ତ ହେବା ପାଇଁ । ହେ ପିତୃଗଣ, ମୋତେ ସଂପ୍ରସାରିତ କରାଅ, × ×

(ବକ୍ତବ୍ୟ ଅସଂପୂର୍ଣ୍ଣ ରହିଗଲା, ଆକସ୍ମିକ ଭାବେ ବ୍ୟାୟାମଶାଳା ମଧ୍ୟକୁ ପ୍ରବେଶ କଲେ ଗୋପପତି ନନ୍ଦ, ରାଣୀ ଯଶୋଦା, ଚନ୍ଦ୍ରସେନଙ୍କ ଦୁଇ ସମବୟସ୍କ ବନ୍ଧୁ, ମଧୁ ଓ ମଙ୍ଗଳ—)

ମଧୁ ॥ ଦେଖିଲେ ତ ମଣିମା, ଚନ୍ଦ୍ରସେନର ସ୍ୱର ଚିହ୍ନିବାରେ କଣ ମୋର କେବେ ଭୁଲ ହୋଇପାରେ ?

ମଙ୍ଗଳ ॥ ସେ ତ ଆମର ବାଲ୍ୟବନ୍ଧୁ !

ଯଶୋଦା ॥ ଚନ୍ଦ୍ରକୁ ଖୋଜି ଖୋଜି ଆସୁ ଆସୁ ଏଠି ନିର୍ଜନ ଦ୍ୱିପ୍ରହର-ଟାରେ ଏ କଣ୍ଠସ୍ୱର ଶୁଣି ମୁଁ ତ ଭାବିଥିଲି—

ନନ୍ଦ ॥ ଭୂତ ପ୍ରେତ କିବା ସେମିତି କିଛି—

ଯଶୋଦା ॥ ତମେ ମୋ ଭାଇକୁ ଭୂତ କହୁଚ !

ମଧୁ ॥ ଗୋଟାଏ ଦିଗରୁ ବିବେଚନା କଲେ ମଣିମା, ଚନ୍ଦ୍ରସେନ ଆଉ ଭୂତ ମଧ୍ୟରେ ପାର୍ଥକ୍ୟ ନିତାନ୍ତ ସାମାନ୍ୟ—

ଚନ୍ଦ୍ରସେନ ॥ କିଛି କାମ ନଥିଲା, ତେଣୁ ବୁଲିଆସିଲି—

Digitized by srujanika@gmail.com

ମଙ୍ଗଳ ॥ ତା'ଛଡ଼ା, ଚନ୍ଦ୍ରର ନିୟମିତ ବ୍ୟାୟାମ ଚର୍ଚ୍ଚାର ସମସ୍ତ ବ ଏଇଟା ।

ନନ୍ଦ ॥ ଅତି ଉତ୍ତମ । ଆସନ୍ନ ମଧୁଯାମିନୀର ରତିକ୍ରୀଡ଼ା ପୂର୍ବରୁ ସ୍ନାୟୁ ଓ ପେଶୀମାନଙ୍କୁ ପ୍ରସ୍ତୁତ ରଖିବା ବୁଦ୍ଧିମାନର କାମ-

ଚନ୍ଦ୍ରସେଣ ॥ (ଅପ୍ରସ୍ତୁତ) ନନ୍ଦଭାଇ !

ମଧୁ ॥ ଆମେ ବହୁତ ବୁଝାଇଲୁ ମଣିମା, କିନ୍ତୁ କାବ୍ୟ କବିତା ପାଠକର । ପ୍ରଥମ ସାକ୍ଷାତର ସମ୍ଭାଷଣକୁ ଟିକେ ମଧୁର କରିବା ସମ୍ଭବ ହେବ । ଆଦୌ ଶୁଣିଲା ନାହିଁ—

ମଙ୍ଗଳ ॥ ଏଇଟାର ରସଜ୍ଞାନ ବିନ୍ଦୁମାତ୍ର ନାହିଁ ।

ଚନ୍ଦ୍ରସେଣ ॥ (ଛଦ୍ମକୋପରେ) ମଙ୍ଗଳ ! ମଧୁ !

ଯଶୋଦା ॥ ତମେ ସମସ୍ତେ ଏମିତି ତା' ସାଙ୍ଗରେ ଲାଗିଚ କାହିଁକି କହିଲ ! × × ଶୁଣ ଚନ୍ଦ୍ର, ସେପଟେ ପୂଜାକାମ ଆରମ୍ଭ ହେବ—

ମଙ୍ଗଳ ॥ ମଥୁରକଟକରୁ ଯେଉଁ ଉପହାର ଆସିଚ × ×

ଯଶୋଦା ॥ କଥା କହସରେ ପାଶୋରି ଯାଇଥିଲି ! ଦେଖ, ମହାମନ୍ତ୍ରୀ ଅକ୍ରୂର ତୋ ସ୍ତ୍ରୀ ପାଇଁ କଣ ପଠାଇଛନ୍ତି (ସୁଦୃଶ୍ୟ ଖୋଳରୁ କାଢି ମୁଦିଟିଏ ଦେଖାଇଲେ) ଚନ୍ଦ୍ରରାଗ ମଣି ବସିଛି । ଯେଉଁ ସ୍ତ୍ରୀ ଏ ମୁଦି ପିନ୍ଧିବ, ଚିରଦିନ ପାଇଁ ସ୍ୱାମୀ ସୋହାଗିନୀ ହୋଇ ରହିବ ।

ଚନ୍ଦ୍ରସେଣ ॥ ମହାମନ୍ତ୍ରୀଙ୍କର ମୋ ପ୍ରତି ଅଶେଷ ଦୟା ।

ନନ୍ଦ ॥ ଅକ୍ରୂର ଅଯଥାରେ କାହାକୁ ଅନୁଗୃହୀତ କରନ୍ତି ନାହିଁ । ତାଙ୍କର ଏ ଆଶୀର୍ବାଦ ତମ ଯୋଗ୍ୟତାର ସ୍ୱୀକୃତି । (ଏକ ପତ୍ର ଚନ୍ଦ୍ରସେଣଙ୍କୁ ଦେଇ) ଉପହାର ସହିତ ଏଇ ପତ୍ରଟି ମଧ୍ୟ ଆସିଛି । ପତ୍ର ଉପରେ ମୁଦ୍ରିକା କଣାଣଟି ବୋଧହୁଏ

Digitized by srujanika@gmail.com

ସ୍ୱୟଂ ମହାରାଜ କଂସଙ୍କର—

ମଧୁ ॥ ସ୍ୱୟଂ ମହାରାଜ ଶୁଭ ମନାସି ବାର୍ତ୍ତା ପଠାଇଛନ୍ତି !

ମଙ୍ଗଳ ॥ ଚନ୍ଦ୍ରସେଣ ଅତି ଭାଗ୍ୟବାନ ।

(ପତ୍ରପାଠ କରୁ କରୁ ଚନ୍ଦ୍ରସେଣଙ୍କ ଅଭିବ୍ୟକ୍ତିର ପରିବର୍ତ୍ତନ ଦେଖାଦେଲା, ସେ ଚିନ୍ତାକୁଳ ହୋଇ ଉଠିଲେ, ତାକୁଇ ଲକ୍ଷ୍ୟକରି)

ଯଶୋଦା ॥ କଣ ହେଲା ଚନ୍ଦ୍ର ? ଚିଠି ପଢୁ ପଢୁ ଏମିତି ମୁହଁ ଶୁଖିଗଲା କାହିଁକି ?

ନନ୍ଦ ॥ କଣ କିଛି ଦୁଃସମ୍ବାଦ ?

(ଚନ୍ଦ୍ରସେଣ ନୀରବରେ ପତ୍ରଟି ନନ୍ଦଙ୍କୁ ବଢ଼ାଇ ଦେଲେ)

ଯଶୋଦା ॥ କଥା କଣ କହିବତ !

ନନ୍ଦ ॥ ଅବିବେକୀ ନରାଧମ—(ଦୀର୍ଘଶ୍ୱାସ) କିଏ ଏଇ ବୃହଦ୍ଗ୍ନ ?

ଚନ୍ଦ୍ରସେଣ ॥ ମଗଧ ସମ୍ରାଟ ଜରାସନ୍ଧଙ୍କ ଭ୍ରାତୃଷ୍ପୁତ୍ର, ମହାରାଜ କଂସଙ୍କ ସାମରିକ ପରାମର୍ଶଦାତା ।

ନନ୍ଦ ॥ ତମେ ତ ମହାମନ୍ତ୍ରୀଙ୍କ ଅନୁମତି ନେଇ ଆସିଛ !

ଚନ୍ଦ୍ରସେଣ ॥ ମଥୁରାକଟକର ଶାସନ କ୍ଷମତା ବର୍ତ୍ତମାନ ପାଇଁ ଏଇ ବୃହଦ୍ଗ୍ନଙ୍କ ପରି କେତେଜଣ ମାଗଧୀ ସେନାପତିଙ୍କ ହାତରେ । ମହାରାଜ କଂସ ପ୍ରାୟ ନିଜ କକ୍ଷରୁ ବାହାରୁ ନାହାନ୍ତି । କେବଳ ସେଇମାନଙ୍କ ବ୍ୟତୀତ ଅନ୍ୟ କାହାରି ପକ୍ଷରେ ତାଙ୍କ ଦର୍ଶନ ପାଇବା ମଧ୍ୟ ଅସମ୍ଭବ ।

ଯଶୋଦା ॥ ଓହୋ, କଥାଟା କଣ ହେଇଛି କହିବ ନା ତମେ ଦୁ'ଜଣ ଗପୁଥିବ, ଆଉ ମୁଁ କିଛି ନ ବୁଝି ଶୁଣୁଥିବ ?

Digitized by srujanika@gmail.com

ଚନ୍ଦ୍ରସେଣ ॥ କାଲି ପୂର୍ବାହ୍ନ ସୁଦ୍ଧା ମୋତେ ମଥୁରାକଟକରେ ପହଞ୍ଚିବାକୁ ହେବ ।

ଯଶୋଦା ॥ ତୋ' ମୁଣ୍ଡ ଖରାପ—

ନନ୍ଦ ॥ ରାଜ୍ୟରେ ଆପଦକାଳୀନ ପରିସ୍ଥିତି ଘୋଷଣା କରାଯାଇଛି । କର୍ମଚାରୀମାନଙ୍କର ପୂର୍ବରୁ ଅନୁମୋଦିତ ଅବକାଶ ଇତ୍ୟାଦି ବାତିଲ କରାଯାଇଛି । କାଲି ପୂର୍ବାହ୍ନ ସୁଦ୍ଧା କାର୍ଯ୍ୟରେ ଯୋଗ ନ ଦେଲେ ରାଜାଦେଶ ଅମାନ୍ୟ କରିବାର ଶାସ୍ତି ଦିଆଯିବ ।

ଯଶୋଦା ॥ ସେ ରାଜା ମୁହଁରେ ନିଆଁ, ତା' ଆଦେଶ ମୁହଁରେ ପାଉଁଶ । ଅଷ୍ଟମଙ୍ଗଳା ନ ସରିବାଯାଏ କୋଉ ବର ବିଦେଶ ଗଲାଣି ନା ଚନ୍ଦ୍ର ଯିବ !

ଚନ୍ଦ୍ରସେଣ ॥ ମହାରାଜଙ୍କ ମୁଦନଶାଣ ସହ ଚିଠି ଆସିଛି ଦେଖ, ଏ ଆଦେଶ ଅମାନ୍ୟ କରିବାର ସାଧ ମୋର ନାହିଁ ।

ମଧୁ ॥ ପୃଥିବୀ ଇତିହାସରେ ପ୍ରଭୁଭକ୍ତିର ନୂତନ ଉଦାହରଣ ସ୍ଥାପନ କରିବୁ କରେ ଚନ୍ଦ୍ର ?

ମଙ୍ଗଳ ॥ ଶୁଣିଲେ ଲୋକ ହସିବେ —

ନନ୍ଦ ॥ ତମେ କାର୍ଯ୍ୟତ୍ୟାଗ କର, ଏଇ ମର୍ମରେ ଏକ ପତ୍ର ଲେଖିଦିଅ । ଯେଉଁ ବାହକ ଏ ପତ୍ର ଆଣିଛି, ତାହାର ହାତରେ ପଠାଇଦେବା—

ଯଶୋଦା ॥ ହଁ, ସେଇଆ କର । ଅଧିକ ବେତନ, ମାନସମ୍ମାନ, ରାଜ-ଅନୁଗ୍ରହ— ଆମର କିଛି ଲୋଡ଼ା ନାହିଁ । ଘର ପୁଅ ଘରେ ରହୁ ।

ମଙ୍ଗଳ ॥ ଗୋପାଳ କୁଳରେ ଆମର ଜନ୍ମ, ପରିଶ୍ରମ କଲେ ପେଟ ଅପୋଷା ରହିବ ନାହିଁ ।

Digitized by srujanika@gmail.com

ମଧୁ ॥ ରାଜକାର୍ଯ୍ୟ କଲି ବୋଲି କଣ ସେ ମୂଣ୍ଡ ବିକି ଦେଇଛି !

ଚନ୍ଦ୍ରସେଣ ॥ ରାଜକର୍ମଚାରୀର ଜୀବନ ରାଜ୍ୟ ପାଇଁ ଉତ୍ସର୍ଗୀକୃତ ମଧୁ, ବ୍ୟକ୍ତିଗତ ସୁଖସ୍ୱାଚ୍ଛନ୍ଦ୍ୟଠାରୁ ରାଜକାର୍ଯ୍ୟର ଗୁରୁତ୍ୱ ବହୁତ ବେଶୀ ।

ନନ୍ଦ ॥ ନା ଚନ୍ଦ୍ରସେଣ, ସଂସାରୀ ପୁରୁଷର ପ୍ରଥମ ଅଙ୍ଗୀକାର, ତାର ପରିବାର । ଯେଉଁ ବ୍ୟକ୍ତି ନିଜ ସଦ୍ୟବିବାହିତା ସ୍ତ୍ରୀ ପ୍ରତି ଅବହେଳା ପ୍ରଦର୍ଶନ କରିପାରେ, ତା' ଠାରୁ ରାଷ୍ଟ୍ର ପ୍ରତି ଅନୁରକ୍ତି କେତେ ବା ଆଶା କରାଯିବ ?

ଚନ୍ଦ୍ରସେଣ ॥ ଗୋପପତି ନନ୍ଦ କିନ୍ତୁ ମୋତେ ଶିଖାଇଥିଲେ କର୍ତ୍ତବ୍ୟର ଆହ୍ୱାନ ତୁଳନାରେ ନିଜର ତଥା ପରିବାର ପରିଜନଙ୍କ ସୁବିଧା ଅସୁବିଧାର କୌଣସି ମୂଲ୍ୟ ନାହିଁ ।

ନନ୍ଦ ॥ ବର୍ତ୍ତମାନ ତମ ଭଗ୍ନୀପତି ଭାବରେ ଦାଂପତ୍ୟ ଜୀବନ ବିଷୟରେ ଯେଉଁ ଶିକ୍ଷା ଦେଉଛି, ତାକୁଇ ମନେରଖ—

ମଙ୍ଗଳ ॥ ଆଉ ସବୁ କଥା ପୋଥି ବାଇଗଣ, ପୋଥିରେ ସୁନ୍ଦର । ସେଥିରେ ତିଅଣ ରନ୍ଧାଯାଏ ନାହିଁ ।

ଚନ୍ଦ୍ରସେଣ ॥ ମହାରାଜ କଂସଙ୍କ ଅନ୍ନରେ ପ୍ରତିପାଳିତ ମୁଁ । ତାଙ୍କ ଆଦେଶ ଅମାନ୍ୟ କରି ପାରିବି ନାହିଁ ।

ମଧୁ ॥ କିନ୍ତୁ କାଲି ପୂର୍ବାହ୍ଣ ପୂର୍ବା ତୁ ମଥୁରା ପହଞ୍ଚିବୁ କେମିତି ? ଗୋପରୁ ମଥୁରା ଅନ୍ୟୂନ ଚାରି ପ୍ରହରର ପଥ ।

ଚନ୍ଦ୍ରସେଣ ॥ ମୋତେ ଏଇ ଘାଙ୍କେ ଘାଙ୍କେ ବାହାରିବାକୁ ପଡ଼ିବ—

ମଙ୍ଗଳ ॥ (ସ୍ୱଗତରେ) ଏଇ ଘାଙ୍କେ ଘାଙ୍କେ ? ତୁ ପାଗଳ ହୋଇ ଯାଇଛୁ ।

Digitized by srujanika@gmail.com

(ଚନ୍ଦ୍ରସେଣ ନୀରବରେ ସ୍ଥାନ ତ୍ୟାଗ କରି ଚାଲି-
ଗଲେ; ଅନ୍ୟମାନେ ବିସ୍ମୟରେ ହତବାକ୍,
କିଂକର୍ତ୍ତବ୍ୟ-ବିମୂଢ଼, ସେମାନେ ମଧ୍ୟ ଅନୁସରଣ
କରି ବାହାରିଗଲେ; ମହୁରୀର ସ୍ୱର ଉଦାସ ଓ
କରୁଣ; ଅଳ୍ପକ୍ଷଣ ପରେ ବିଦେଶ ଯାତ୍ରା ପାଇଁ
ପ୍ରସ୍ତୁତ ହୋଇ ଚନ୍ଦ୍ରସେଣ ଓ ପଛେ ପଛେ
ଅବଗୁଣ୍ଠିତା ରାଧାଙ୍କ ପ୍ରବେଶ)

ଚନ୍ଦ୍ରସେଣ ॥ ପରିଚୟ ସଂପୂର୍ଣ୍ଣ ହେବା ପୂର୍ବରୁ ହିଁ ମୋତେ ବିଦାୟ ନେବାକୁ ପଡୁଛି, ରାଧା, ଜାଣୁଛି, ତମେ ନିଶ୍ଚୟ କଷ୍ଟ ପାଇବ, ସହସ୍ରବାର କ୍ଷମା ପ୍ରାର୍ଥନା କଲେ ବି ସେ କଷ୍ଟ ଦୂର ହେବନାହିଁ, ଯଦିଓ ସମୟକ୍ରମେ କଚ୍ଛୁଟା ସହଣୀୟ ହୋଇଯିବ ଆଜିର ଏ ଦୁଃଖ । × × ରାଧା, ପର ଅନ୍ନରେ ଯିଏ ଲାଳିତ, ଯିଏ ପ୍ରବାସୀ ଆଉ ଋଣଗ୍ରସ୍ତ, ତା' ପାଇଁ ଜୀବନର ଅର୍ଥ ମରଣ ଆଉ ମରଣରେ ହିଁ ତା'ର ବିଶ୍ରାମ । × × ମୁଁ ଗୋଟାଏ ଅନ୍ନଦାସ, ଅନ୍ୟର ଇଙ୍ଗିତରେ ନାଚୁଥିବା ଗୋଟାଏ ଖେଳଣା, କର୍ତ୍ତବ୍ୟର ଜଗଦଳ ପଥର ବୋହିବା ପାଇଁ ଉଦ୍ଦିଷ୍ଟ ଏକ ଯନ୍ତ୍ର । ଆଉ ତମେ ଜାଣ ରାଧା, କ୍ରୀତଦାସର, ଖେଳଣାର, ଯନ୍ତ୍ରର ହୃଦୟ ନାହିଁ । × × ସାମାଜିକତାର ଦୃଷ୍ଟିରେ ତମେ ମୋର ଧର୍ମପତ୍ନୀ । ମୋ ବୁଢ଼ୀ ମାଆ, ଅଭିଆଡ଼ି ଭଉଣୀ, ଘରଦ୍ୱାର, ହାନିଲାଭ ସବୁର ଦାୟିତ୍ୱ ମୋ ଅବର୍ତ୍ତମାନରେ ତମେ ବହନ କରିବ । ଘରଣୀମାନେ ହିଁ ଘର, ତମେ ସ୍ୱୀକାର କର ବା ନକର । × × ତମେ ଦେଖୁଛ ପାର, ମୋର ସବୁ ଦାୟ ଦାୟିତ୍ୱ ତ ତମ ଉପରେ ଲଦିଦେଲି, ତମ ଦାୟିତ୍ୱ କାହାକୁ

Digitized by srujanika@gmail.com

ଦେଇଯିବ ! ଏ ପ୍ରଶ୍ନର ଉତ୍ତର ମୋ ପାଖରେ ନାହିଁ । ତେବେ ଗୋଟାଏ ଆଶା, ଗୋପଯାକର ହାନିଲାଭ ଯୋଉ ଯଶୋଦା ଦେଈଙ୍କ ପଣତ କାନିରେ ବନ୍ଧା ସେ କଣ ଆଉ ଗୋଟାଏ ଗଣ୍ଠି ପଡିଲେ ଆପତ୍ତି କରିବେ ? × × ସୂର୍ଯ୍ୟାସ୍ତ ପୂର୍ବରୁ ମୋର ବାହାର ପଡ଼ିବା ଉଚିତ ରାଧା, ମୋତେ ବିଦାୟ ଦିଅ ।

(ଚନ୍ଦ୍ରସେଣ ପ୍ରସ୍ଥାନୋଦ୍ୟତ, ରାଧା ପ୍ରଣାମ କରିବାକୁ ନଇଁ ପଡିଲା ବେଳକୁ ଅବଗୁଣ୍ଠନ ଖସି ପଡିଲା, ନିଷ୍ପଲକ ଦୃଷ୍ଟିରେ ରାଧାଙ୍କୁ ଅନାଇ ଅନାଇ ଯାଉ ଯାଉ)

ଚନ୍ଦ୍ରସେଣ ।। ମୁଁ ଚେଷ୍ଟା କରିବି ରାଧା, ଯେତେ ଶୀଘ୍ର ସମ୍ଭବ ଫେରିବା ପାଇଁ, ଆପ୍ରାଣ ଚେଷ୍ଟା କରିବି, ଆଉ ବିଧି ବାମ ନ ହେଲେ ନିଶ୍ଚୟ ଫେରି ଆସିବି । କିନ୍ତୁ ଭାଗ୍ୟ ଯଦି ପ୍ରତିକୂଳ ହୁଏ, ଧରିନେବ, ତମ ଜୀବନ ମଞ୍ଚକୁ ଚନ୍ଦ୍ରସେଣର ପ୍ରବେଶ ହିଁ ଥିଲା ଏକ ଦୁର୍ଘଟଣା, ଆଉ ତାର ପ୍ରସ୍ଥାନ ହିଁ ସ୍ୱାଭାବିକ ।

(ଚନ୍ଦ୍ରସେଣଙ୍କ ସ୍ୱର ଆବେଗରୁଦ୍ଧ; ରାଧା ସେମିତି ବିହ୍ୱଳ ଦୃଷ୍ଟିରେ ଚାହିଁଥାନ୍ତି ଚନ୍ଦ୍ରସେଣଙ୍କ ଗମନ ପଥକୁ, ଓଠରେ ଅବୁଝା ଧାରେ ହସ; ମଞ୍ଚ କ୍ରମଶଃ ଅନ୍ଧକାର ହେଲା)

Digitized by srujanika@gmail.com

।। ଦ୍ୱିତୀୟ ଦୃଶ୍ୟ ।।

(ମଥୁରା ରାଜପ୍ରାସାଦର ଏକ କକ୍ଷ; ସମୟ ପୂର୍ବାହ୍ନ;
କକ୍ଷର ଏକମାତ୍ର ଆସନରେ ପାନପାତ୍ର ହସ୍ତରେ
ବୃହଦ୍ରଥ, ନିକଟରେ ଦଣ୍ଡାୟମାନ ଅକ୍ରୂର)

ବୃହଦ୍ରଥ ।। (ସ୍ୱରରେ ବିରକ୍ତି) ଚରମ ବିଶୃଙ୍ଖଳା, ଚୂଡ଼ାନ୍ତ ଅବ୍ୟବସ୍ଥା । ଆଃ, ତମ ମଥୁରା ନଗରୀ ଯେ କେବଳ ମାତ୍ର ନାମରେ ନଗରୀ, ବାସ୍ତବରେ ଯେ ଏହା ଏକ ଅନୁନ୍ନତ ଅଶିକ୍ଷିତ ଗ୍ରାମ, ଏ ଧାରଣା ନଥିଲା । ବିଶ୍ୱାସ କର ଅକ୍ରୂର, ଏମିତି ଜାଣିଥିଲେ ମୁଁ ଆଦୌ ଆସି ନଥାନ୍ତି—

ଅକ୍ରୂର ।। ମହାନ ମଗଧ ସାମ୍ରାଜ୍ୟର ରାଜଧାନୀ ରାଜଗୃହ ସହ ମଥୁରାର ତୁଳନା କରୁଚନ୍ତି କାହିଁକି ?

ବୃହଦ୍ରଥ ।। ଠିକ୍ କହୁଚ, ସେ ପ୍ରକାର ତୁଳନା କଲେ ନିଜର ଦୁଃଖ ହିଁ ବଢ଼ିବ । ଏଇ ଦେଖ, ସାମାନ୍ୟ କଥା, ଏ ପ୍ରକୋଷ୍ଠରେ ଆସନ ଏଇ ମାତ୍ର ଗୋଟାଏ । ଶିଷ୍ଟାଚାର ଦୃଷ୍ଟିରୁ, ଇଚ୍ଛା ଥିଲେ ବି, ବସିବାକୁ କହି ପାରୁନାହିଁ ତମକୁ ।

ଅକ୍ରୂର ।। ଆପଣ ଆମର ଅତିଥି, ଦେବତା । ଆପଣଙ୍କ ଉପସ୍ଥିତିରେ ଆସନ ଗ୍ରହଣର ଧୃଷ୍ଟତା ମୋର ନାହିଁ ।

ବୃହଦ୍ରଥ ।। ଯାହା ହେଉ, ଅନ୍ତତଃ ମୌଖିକ ଶିଷ୍ଟାଚାର ପାଳନର ସୁଯୋଗ ତ ମୁଁ ପାଇବା ଉଚିତ !

Digitized by srujanika@gmail.com

ଅକ୍ରୂର ॥ ସେମାନଙ୍କ ପକ୍ଷରୁ ମୁଁ କ୍ଷମାପ୍ରାର୍ଥୀ ।

ବୃଦ୍ଧଦ୍ୱୟ ॥ କେବଳ ତମର ପାଇଁ ସେମାନେ ଏଥର ରକ୍ଷା ପାଇଗଲେ । × × ଜାଣ ଅକ୍ରୂର ସମଗ୍ର ଆର୍ଯ୍ୟାବର୍ତ୍ତ ସମ୍ରାଟ ଜରାସନ୍ଧଙ୍କ ଶାସନାଧୀନ, କୋଉଠି କିଛି ଗଣ୍ଡଗୋଳ ନାହିଁ, ସବୁ ଗୋଳମାଳ ତମର ଏଇ ମଥୁରାରେ । ଅଥଚ, ତମ ମହାରାଜ ଆମ ସମ୍ରାଟଙ୍କ ଜାମାତା । ଏହାର କାରଣ କଣ ହୋଇ ପାରେ ?

ଅକ୍ରୂର ॥ ସମ୍ରାଟଙ୍କ ଯଜ୍ଞ ଅଶ୍ୱ ରକ୍ଷା ପାଇଁ ଦୀର୍ଘ ବାର ବର୍ଷ କାଳ ମହାରାଜ କଂସ ରାଜଧାନୀରୁ ଅନୁପସ୍ଥିତ ରହିବା ଫଳରେ—

ବୃଦ୍ଧଦ୍ୱୟ ॥ (ତୀବ୍ର ସ୍ୱରରେ) ମହାରାଜ ରାଜଧାନୀରେ ନଥିଲେ, କିନ୍ତୁ ତାଙ୍କର ପାରିଷଦ, ଅମାତ୍ୟ, ପାରିଷଦ, ସୈନ୍ୟ ସାମନ୍ତ ତ ଥିଲେ ! କଣ କରୁଥିଲେ ସେମାନେ ? (ସଂଯତ ସ୍ୱରରେ) ତମେ ସବୁ କ୍ଷୁଦ୍ର ପ୍ରାଦେଶିକ କର୍ମଚାରୀ । ରାଜ୍ୟପରିଚାଳନାର କୌଶଳ ତମକୁ ଜଣା ନାହିଁ । ବ୍ୟସ୍ତ ହୁଅ ନାହିଁ, ମୁଁ ସବୁ ଠିକ୍ କରିଦେବି । ତମେ ଖାଲି ଦେଖ ଆଉ ଶିଖ—

ଅକ୍ରୂର ॥ ହଠାତ୍ ମଥୁରାରେ ଆପଦକାଳୀନ ପରିସ୍ଥିତିର ଘୋଷଣା—

ବୃଦ୍ଧଦ୍ୱୟ ॥ ଏଇ ପରିସ୍ଥିତିରେ ରାଷ୍ଟ୍ରର ତଥା ରାଷ୍ଟ୍ରମୁଖ୍ୟଙ୍କ ସୁରକ୍ଷାର ବ୍ୟବସ୍ଥା ଦୃଢ଼ କରି ହେବ । ଷଡ଼ଯନ୍ତ୍ରକାରୀମାନଙ୍କ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ସମ୍ଭବ ହେବ । ସାମରିକ ଅନୁଶାସନର ବଶବର୍ତ୍ତୀ ରାଜ୍ୟର ପ୍ରଭୂତ ଉନ୍ନତି ସାଧିତ ହେବ ।

ଅକ୍ରୂର ॥ ମୁଁ କିନ୍ତୁ ଏକମତ ହୋଇ ପାରୁନାହିଁ ।

Digitized by srujanika@gmail.com

ବୃସଘ୍ନ ॥ ତମେ ବର୍ତ୍ତମାନ ଠିକ୍ ବୁଝି ପାରିବ ନାହିଁ, ଅପେକ୍ଷା କର, ମଗଧରୁ କିଛି ଅଭିଜ୍ଞ ଶିକ୍ଷକ ଡକାଇ ମଥୁରାର ରାଜକର୍ମଚାରୀ ମାନଙ୍କ ପ୍ରଶିକ୍ଷଣର ବ୍ୟବସ୍ଥା ମୁଁ କରିବି । ଅନୁନ୍ନତ ଏ ରାଜ୍ୟକୁ ଉନ୍ନତ ନ କରିବା ଯାଏ ମୋର ଶାନ୍ତି ନାହିଁ ।

(ପ୍ରବେଶ କଲେ ଚନ୍ଦ୍ରସେଣ ଓ ଅଭିବାଦନ ଜଣାଇଲେ)

ଅକ୍ରୂର ॥ ବସ୍ନସ୍ଥରେ ଚନ୍ଦ୍ରସେଣ, ତମେ !

ଚନ୍ଦ୍ରସେଣ ॥ ତୃତ ପ୍ରହର କାଳ ଅବିରାମ ଘୋଡ଼ା ଛୁଟାଇ ଆସିଛି । ପୂର୍ବାହ୍ଣ ସୁଦ୍ଧା କାର୍ଯ୍ୟରେ ଯୋଗ ଦେବାର ନିର୍ଦ୍ଦେଶ ଥିଲା ।

ବୃସଘ୍ନ ॥ ନିର୍ଦ୍ଦେଶ ପାଳନ କରି ଉଚିତ କାମ କରିଛ ।

ଅକ୍ରୂର ॥ କିନ୍ତୁ କାଲି ଥିଲା ତମ ବିବାହର ଚତୁର୍ଥୀ ଦିନ—

ଚନ୍ଦ୍ରସେଣ ॥ ସୂର୍ଯ୍ୟାସ୍ତ ପୂର୍ବରୁ ମୁଁ ଗୋପ ଦାଣ୍ଡ ଛାଡ଼ିଛି—

ବୃସଘ୍ନ ॥ ତା' ମାନେ, ତମର ତମ ପତ୍ନୀ ସହିତ (ବାକ୍ୟ ଅପୂର୍ଣ୍ଣ ରହି ଗଲା, ପୈଶାଚିକ ଅଟ୍ଟହାସ୍ୟରେ ଲୋଟି ପଡ଼ୁଥାନ୍ତି ବୃସଘ୍ନ)

ଅକ୍ରୂର ॥ କହି ପାରିବ ବୃସଘ୍ନ, ଏଇ ଜଣେ କର୍ମଚାରୀ ଆଜି କିଛି ଦିନ ପରେ କାର୍ଯ୍ୟରେ ଯୋଗ ଦେଇଥିଲେ ତମର ବା ତମ ଭଗ୍ନୀପତିଙ୍କର ବା ତାଙ୍କ ରାଜ୍ୟବ୍ୟବସ୍ଥାର କେଉଁ ଅପୂରଣୀୟ କ୍ଷତି ହୋଇଥାନ୍ତା ?

ବୃସଘ୍ନ ॥ (ତୀବ୍ର ସ୍ୱରରେ) ତମେ ମୋତେ ସମାଲୋଚନା କରୁଛ ?

ଅକ୍ରୂର ॥ ନା, ତମ ହୃଦୟହୀନତା ପାଇଁ ଧିକ୍କାର ଜଣାଉଛି ।

(ଅକ୍ରୂରଙ୍କ ପ୍ରସ୍ଥାନ, ବୃସଘ୍ନଙ୍କ ଆଖିରେ ଅସୂୟା ଓ ଆକ୍ରୋଶର ନିଆଁ)

ଚନ୍ଦ୍ରସେଣ ॥ ମୋ ପ୍ରତି ଆଦେଶ !

ବୃସଘ୍ନ ॥ (ଚନ୍ଦ୍ରସେଣଙ୍କୁ ଆପାଦମସ୍ତକ ନିରୀକ୍ଷଣ କରି) ତମ ନାଁ ?

Digitized by srujanika@gmail.com

ଚନ୍ଦ୍ରସେଣ ॥ ଚନ୍ଦ୍ରସେଣ—

ବୃହଦ୍ଧ୍ନ ॥ ତମର ନିବାସ ?

ଚନ୍ଦ୍ରସେଣ ॥ ଗୋପପୁର ।

ବୃହଦ୍ଧ୍ନ ॥ ଯେଉଁଠି ଆତ୍ମଗୋପନ କରିଛନ୍ତି କୃଷ୍ଣ ଆଉ ବଳରାମ, ଯାହାଙ୍କ ପାଇଁ ମହାରାଜ କଂସଙ୍କ ଜୀବନ ଆଜି ବିପନ୍ନ ! ଆଚ୍ଛା, ତମେ ଏଠାରେ କେଉଁ ପଦରେ କାର୍ଯ୍ୟ କରୁଛ ?

ଚନ୍ଦ୍ରସେଣ ॥ ମହାରାଜଙ୍କ ବ୍ୟକ୍ତିଗତ ସୁରକ୍ଷା ବ୍ୟବସ୍ଥାର ଦାୟିତ୍ୱ ମୋ ଉପରେ ।

ବୃହଦ୍ଧ୍ନ ॥ ଚମତ୍କାର ବ୍ୟବସ୍ଥା, ମାଛର ନିରାପତ୍ତା ଦାୟିତ୍ୱ ମାର୍ଜାର ଉପରେ ନ୍ୟସ୍ତ କରାଯାଇଛି । ତ ସତ୍ତ୍ୱେ ବି ମହାରାଜ କଂସ ଏ ପର୍ଯ୍ୟନ୍ତ ଯେ ଜୀବିତ ଅଛନ୍ତି, ତାହାହିଁ ବିସ୍ମୟଜନକ ।

ଚନ୍ଦ୍ରସେଣ ॥ ଆପଣ ମୋର ଦକ୍ଷତା ଆଉ ଆନୁଗତ୍ୟ ପ୍ରତି ଆକ୍ଷେପ କରୁଛନ୍ତି ।

ବୃହଦ୍ଧ୍ନ ॥ କୌଣସି ବୁଦ୍ଧିମାନ ଶାସକ କଣ କେବେ ତାର ଅଧସ୍ତନ କର୍ମଚାରୀଙ୍କ ଉପରେ ସଂପୂର୍ଣ୍ଣ ଆସ୍ଥା ରଖିପାରେ ନା ରଖିବା ଉଚିତ ? (ଖରସ୍ୱରରେ) ତମକୁ ଏଇ ମୁହୂର୍ତ୍ତରୁ କାର୍ଯ୍ୟରୁ ନିଲମ୍ବିତ କରାଗଲା ।

ଚନ୍ଦ୍ରସେଣ ॥ ଧନ୍ୟବାଦ । ମୁଁ ତେବେ ଗୋପକୁ ଫେରିଯାଉଛି—

ବୃହଦ୍ଧ୍ନ ॥ ନବପରିଣୀତା ପତ୍ନୀ ପାଇଁ ମନ ଖୁବ୍ ବିକଳ, ନୁହେଁ ? କିନ୍ତୁ ଇନ୍ଦ୍ରସେଣ—

ଚନ୍ଦ୍ରସେଣ ॥ ଚନ୍ଦ୍ରସେଣ—

ବୃହଦ୍ଧ୍ନ ॥ ଏକା କଥା । ଚନ୍ଦ୍ରସେଣ, ରାଜକାର୍ଯ୍ୟ ଏକ ଜଟିଳ ବ୍ୟୂହ, ବ୍ୟୂହ ମଧ୍ୟକୁ ପ୍ରବେଶ କରିବା ଯେତିକି ଆୟାସସାଧ୍ୟ, ବ୍ୟୂହରୁ ଉଦ୍ଧାର ପାଇବା ମଧ୍ୟ ସେତିକି । ତମେ ଏଇ ମଥୁରାରେ

Digitized by srujanika@gmail.com

ରହିବ, ପ୍ରତିଦିନ ଆସି ମୋ କାର୍ଯ୍ୟାଳୟରେ ଉପସ୍ଥାନ ଜଣାଇଯିବ । ଆଉ ସାରାଦିନ ବସି ବସି ଘରେ ଗୁଡ଼ ଆସିଥିବା ସୁନ୍ଦରୀ ପତ୍ନୀଟିର ମୁଖଶ୍ରୀକୁ ସ୍ମରଣ କରିବ—

(ଚନ୍ଦ୍ରସେଣ ନିରୁପାୟ, ନୀରବ, ନତମସ୍ତକ; ବୃଦ୍ଧଙ୍କ ଅଭିବ୍ୟକ୍ତିରେ ଜାନ୍ତବ ଉଲ୍ଲାସ, ମଞ୍ଚ କ୍ରମଶଃ ଅନ୍ଧକାର ହେଲା—)

●

Digitized by srujanika@gmail.com

।। ତୃତୀୟ ଦୃଶ୍ୟ ।।

(ଗୋପ ରାଜପ୍ରାସାଦର ଅନ୍ତଃପୁର ଅଙ୍ଗନରେ କଉଡ଼ି ଖେଳୁଥାନ୍ତି ରାଧା, ଲଳିତା ଓ ଯଶୋଦା— ଯଶୋଦା ବାରମ୍ବାର ଭୁଲ କରୁଥାନ୍ତି—)

ଲଳିତା ।। ରାଣୀମା' ଆଜ ସାର ଚଳେଇବାରେ ଏତେ ଭୁଲ କରୁଚନ୍ତି-

ରାଧା ।। ଯଶୋଦା ଦେଈ, ବଡ଼ ଅନ୍ୟମନସ୍କ ଅ.ଜ ।

ଯଶୋଦା ।। ଏ ଧୂ ଧୂ ଖରାଟାରେ ପୁଅମାନେ କୋଉଠି କଣ କରୁଥିବେ ଭାବିଲ ବେଳକୁ ଆଉ କୋଉଠି ମନ ଲାଗୁନାହିଁଲୋ ରାଧା ··

ରାଧା ।। ଏତେ ଯଦି ଭାବୁଚ, ତାଙ୍କୁ ବଣକୁ ପଠାଉଚ କାହିଁକି ?

ଲଳିତା ।। ଗୋରୁ ଜଗିବା ପାଇଁ କଣ ଆଉ ଗୋପାଳ ନାହାନ୍ତି ?

ଯଶୋଦା ।। ମୁଁ ଯେତେ ଯାହା କହିଲେ କିଏ ଶୁଣୁଚ ମୋ କଥା ! ବଣକୁ ଯିବା ପାଇଁ ଟୋକା ଦୁଇଟାଙ୍କର ଯୋଉ କଟାଳ, ଆଉ ବାପ ଆକଟ କରିବେ କଣ ଓଲଟା ସେଇମାନଙ୍କ ପକ୍ଷ ନେଇ ମୋତେ ଭାଷଣ ଶୁଣେଇବେ ।

ରାଧା ।। ଗୋପାଳ ବେଶ କଲୁ କୃଷ୍ଣ ବଳରାମଙ୍କୁ ସାଜେ ଭଲ । ଜଣକର ଧଳଧଳିଆ କାଛେଣୀ, ଆରକର ନାଳ । ଜଣଙ୍କ ହାତରେ ବଂଶୀ, ଆରକ ହଳଧର । ଦୁହିଙ୍କ ମୁଣ୍ଡରେ ଆମ୍ବ ଡାଳ, ଜାମୁଡାଳ, ମୟୂରପୁଚ୍ଛ । ହାତରେ ଖଡ଼ୁ, ଗୋଡରେ ବାଙ୍କିଆ, କମରରେ ଘାଗୁଡ଼ି ମାଳ । ଆଖିରେ ଜଗଜଗିଆ

Digitized by srujanika@gmail.com

ଗୃହାଣୀ, ଓଠରେ ଭୁବନମୋହନ ହସ—

ଯଶୋଦା ॥ (ପରିହାସ ଛଳରେ) ଆଲୋ ଆଲୋ, ତୋ'ର ଦୃଷ୍ଟି ପଡି ପୁଅମାନେ ମୋର ଝଡ଼ି ଯାଉଛନ୍ତି ନା କଣ ତ !

ଲଳିତା ॥ ଏକା ରାଧାଙ୍କୁ ଦୋଷ ଦେଉଛନ୍ତି କାହିଁକି ରାଣୀମା', ଗୋପ ସାରା ସମସ୍ତଙ୍କ ଆଖିର ମଣି କୃଷ୍ଣ ବଳରାମ । ସେଇମାନେ ବଞ୍ଚାଇ ରଖିଛନ୍ତି ଗୋପବାସୀଙ୍କୁ, ନହେଲେ କଂସର ଅତ୍ୟାଚାର ସବୁ ଓଠରୁ ହସ, ସବୁ ମନରୁ ହରଷ ପୋଛି ଦେଇଥାନ୍ତା—

ଯଶୋଦା ॥ (ଦୀର୍ଘଶ୍ୱାସ ଛାଡ଼ି) ପୂତନା, ବକା,ଅଘା, ଶକଟ,ତୃଣାବର୍ତ୍ତ— କଂସ ଘାତକ ପଠେଇବାରେ ହେଳା କରିନାହିଁ । କେବଳ ଗୁରୁଜନମାନଙ୍କ ଆଶୀର୍ବାଦ ଆଉ ଇଷ୍ଟଦେବତାଙ୍କ କଲ୍ୟାଣରୁ ବଞ୍ଚି ଯାଇଛନ୍ତି ମୋ ଦୁଇ ପୁଅ ।

ରାଧା ॥ ଅମଙ୍ଗଳ ଚିନ୍ତା ମନରୁ ପୋଛିଦିଅ ଦେଈ । ଏତେ ଲୋକ ଯାହା ମୁହଁକୁ ଚାହିଁ ବସିଛନ୍ତି, ଭଗବାନ ତାର କୌଣସି ଅମଙ୍ଗଳ ଘଟିବାକୁ ଦେବେ ନାହିଁ ।

ଲଳିତା ॥ ଅଚ୍ଛା ରାଣୀମା' କୃଷ୍ଣ ବଳରାମଙ୍କୁ ଗୋପପୁରଠାରୁ ଦୂରରେ କୋଉ ଗୁରୁକୁଳରେ ରଖିଦେଲେ ? କଂସ ଯଦି ତାଙ୍କ ସନ୍ଧାନ ନ ପାଆନ୍ତା ?

ରାଧା ॥ କଣ ଯେ କହୁ ଲଳିତା ! ଯୋଉ ଅନ୍ତରାଳରେ ଫୁଟିଲେବି ଫୁଲର ବାସ କଣ ଚହଟିବ ନାହିଁ ? ଜହ୍ନକୁ ନଆଁକୁ କଣ ପଣତକାନି ଘୋଡ଼ାଇ ଲୁଚେଇ ହୁଏ ?

(ପ୍ରବେଶ କଲେ ରାଜା ନନ୍ଦ, ଲଳିତା ଉଠି ଅଭିବାଦନ ଜଣାଇ ବାହାରି ଗଲେ, ବ୍ରୀଡ଼ା ଭଂଗୀରେ ଆଡ଼େଇଗଲେ ରାଧା -)

Digitized by srujanika@gmail.com

ନନ୍ଦ ॥ (ଛଦ୍ମଗାମ୍ଭୀର୍ଯ୍ୟର ସହ) ଏକାଧିକ ମହିଳା ଏକତ୍ର, ନିର୍ଘାତ୍ ପରଚର୍ଚ୍ଚା ଚାଲିଛି—

ଯଶୋଦା ॥ ତମର ଗୁଣଧର ପୁଅମାନଙ୍କ କଥା ପଡ଼ିଛି—

ନନ୍ଦ ॥ ପୁଣି କଣ କରିଚନ୍ତି ଦୁଇ ମାଙ୍କଡ଼ ?

ରାଧା ॥ (ନିରୀହ ଭାବରେ) ଦେଖନ୍ତୁ, ପୁଅ ଯଦି ମାଙ୍କଡ଼, ବାପାଟି କଣ ?

ଯଶୋଦା ॥ (ହସି ହସି) ସେଇଆ···ହନୁ···ବୁଢ଼ାହନୁ···

ନନ୍ଦ ॥ ନାଃ, ଚନ୍ଦ୍ରସେଣର ଏଇ ସୁରସିକା ପତ୍ନୀର ଉପସ୍ଥିତିରେ ରସନାକୁ ସଂଯତ କରିବାକୁ ହେବ ଦେଖୁଚି—

ଯଶୋଦା ॥ ଆଚ୍ଛା, ତମେ କେମିତି ମଣିଷ ! ଚଉଠି ଦିନ ଦ୍ୱିପହରଠାରୁ ଚନ୍ଦ୍ର ସେଇ ଯେ ମଥୁରା ଯାଇଛି ଆଜଯାଏ ତାର କୌଣସି ଖବର ଅନ୍ତର ନାହିଁ । ତମେ ନିଦକ ହୋଇ ବସିଚ ?

ନନ୍ଦ ॥ ମିଥ୍ୟା ଅଭିଯୋଗ । ମୁଁ ଆଦୌ ନିଶ୍ଚିନ୍ତ ହୋଇ ବସିନାହିଁ । ଚନ୍ଦ୍ରସେଣ ପାଖକୁ ମୁଁ ମଧୁକୁ ପଠାଇବାର ବ୍ୟବସ୍ଥା କରିଛି । ତା'ର ହାତରେ ଅକ୍ରୂରଙ୍କ ପାଖକୁ ପତ୍ର ମଧ୍ୟ ପଠାଇବି । ତମ ସୁନାନାକି ଭଉଜଙ୍କ ସୁନାର ସଂସାର ଖୁବ୍ ଶୀଘ୍ର ହସି ଉଠିବ ।

ଯଶୋଦା ॥ ତାକୁ ଲେଖିଦିଅ ଶୀଘ୍ର ଚାଲିଆସୁ—ସେ ଘୋଡ଼ାଡ଼ିମ୍ବ ରାଜକାର୍ଯ୍ୟ ଆମର ଲୋଡ଼ାନାହିଁ —

ନନ୍ଦ ॥ ମାନୁଚି, ଚନ୍ଦ୍ରସେଣ ଏଠି ରହିବା ତାର ପରିବାରର କଲ୍ୟାଣ ପାଇଁ ଆବଶ୍ୟକ । କିନ୍ତୁ ମଥୁରାରେ ବି ତାର ଊଣା କାମ ନାହିଁ । ଚନ୍ଦ୍ରସେଣ କର୍ମଠ, କୁଶଳୀ, ସାଧୁ, ସଚ୍ଚରିତ୍ର, ରାଜକର୍ମଚାରୀ ହେବାର ସମସ୍ତ ଯୋଗ୍ୟତା ତାର ଅଛି । ଶ୍ୱାସରୋଧକାରୀ କୁଶାସନର ଅବସାନ ଯଦି ଘଟେ, ଯାଦବ ସଂଘର ପୁନର୍ଗଠନ ପାଇଁ ତା' ଭଳି କର୍ମଚାରୀ ଶାସନ

Digitized by srujanika@gmail.com

ଦାମ୍ପତ୍ୟରେ ରହିବା ଆବଶ୍ୟକ—

ଯଶୋଦା ॥ ଦେଖିଲୁ ରାଧା, ରାସକଣ ଆରମ୍ଭ ହୋଇଗଲା—ଶଳା ଉଶୋଇ ଦୁହେଁ ଯାକ ଏକା ଉପାଦାନରେ ଗଢ଼ା—

ନନ୍ଦ ॥ ପୁଣି ମିଥ୍ୟା ଅଭିଯୋଗ ! ମୁଁ କଣ ଚନ୍ଦ୍ରସେଣ ଭଳି ଅରସିକ ମୂର୍ଖ ? ମୁଁ କଣ ଚଉଠି ଦିନ ଦ୍ୱ'ପହରେ ସୁନ୍ଦରୀ ସ୍ତ୍ରୀକୁ ଛାଡି ମାରସ ରାଜକାର୍ଯ୍ୟ ପାଇଁ ବିଦେଶ ଯାଇଛି !

(ନନ୍ଦ ଯଶୋଦାଙ୍କ ପ୍ରାଣୋଚ୍ଛଳ ହସ ଓ ରାଧାଙ୍କର ବ୍ରୀଡ଼ାକୁଣ୍ଠିତ ଅବସ୍ଥା; ନେପଥ୍ୟରୁ ଶୁଣାଗଲା ବଂଶୀରେ ଏକ ମଧୁର ଚଞ୍ଚଳ ରାଗିଣୀ; ତିନିଜଣ ଯାକ ମୁଗ୍ଧ ହୋଇ ଶୁଣୁଥାନ୍ତି, କିଛିକ୍ଷଣ ପରେ)

ରାଧା ॥ କୃଷ୍ଣ ସତରେ ସୁନ୍ଦର ବଂଶୀ ବଜାଉଚନ୍ତି ! ଶୁଣିଚ ସେଇ ବଂଶୀ ଧ୍ୱନି ଶୁଣି ଗାଈବାଛୁରୀ, ପଶୁପକ୍ଷୀ ସମସ୍ତେ ବିଭୋର ହୋଇଯାନ୍ତି । ସେଇ ସ୍ୱର ଧାରରେ ସ୍ନାନ କରି ନୀଳ ଆକାଶ, ଶ୍ୟାମଳ ତରୁଲତା, ଯମୁନାର ନୀଳଜଳ, ସବୁ କିଛି ଉଜ୍ଜ୍ୱଳତର ସ୍ନିଗ୍ଧତର ହୋଇ ଉଠନ୍ତି—

ନନ୍ଦ ॥ ତମେ ଠିକ୍ ଶୁଣିଛ ରାଧା, ଏଇ ବଂଶୀସ୍ୱରର ଅନେକ ଗୁଣ । ଗୋପବାସୀଙ୍କ ସଂନ୍ତ୍ରସ୍ତ ଆଶଙ୍କା—ବିବର୍ଣ୍ଣ ମନ ପାଇଁ ଆଦ୍ୟ ଆଷାଢ଼ର ସ୍ୱାଗତ ବାରିଧାର, ପୁଣି ଅତ୍ୟାଗୃହୀ କଂସ ପାଇଁ ପ୍ରଳୟକାଳରେ ହିଗଦନ୍ତୀମାନଙ୍କ ବୃଂହଣ । ବିଶ୍ୱାସ କର, ଯେଉଁଦିନ ଏ ଉଚ୍ଛଳ ସ୍ୱର ଲହରୀ ସହସ୍ର ତରଙ୍ଗର ତୀବ୍ରତାର ସହ କୁଢ଼େଇ ପଡିବ ମଥୁରାର ବ୍ୟଭିଚାରୀ ରାଜପ୍ରାସାଦ ଉପରେ, କଂସ, ଜରାସନ୍ଧ, ଶିଶୁପାଳମାନଙ୍କ ଅସ୍ତିତ୍ୱ ବି ରହିବ ନାହିଁ । ତାପରେ ଆଉ ସଦ୍ୟ ସନ୍ତାନବତୀ ମା'ମାନେ ଶିଶୁପୁତ୍ରର ଜୀବନ ରକ୍ଷା ଚିନ୍ତାରେ ଉନ୍ନିଦ୍ର ରଜନୀ

Digitized by srujanika@gmail.com

ବତାଇବେ ନାହିଁ । କରଭାର ପୀଡ଼ିତ ଜନସାଧାରଣଙ୍କ ନିଷ୍ଫଳ ଆବେଗର ରୁଦ୍ଧ କ୍ରନ୍ଦନ ଧ୍ୱନିରେ ମଥିତ ହେବ ନାହିଁ ଗୋପ ଆଉ ମଥୁରାର ଆକାଶ ବତାସ । ନରପଶୁମାନଙ୍କ ଲାଳସା-ଯଜ୍ଞରେ ବଳି ପଡ଼ିବେ ନାହିଁ ଅସହାୟ ପୁରନାରୀଗଣ ।

(ବଂଶୀଧ୍ୱନି ଅଧିକ ଉଚ୍ଚଳ; ନନ୍ଦ, ଯଶୋଦା ଓ ରାଧା ଏକ ଦୃଷ୍ଟିରେ ଚାହିଁ ରହିଥାନ୍ତି ନେପଥ୍ୟକୁ; ମଞ୍ଚ କ୍ରମଶଃ ଅନ୍ଧକାର ହେଲା)

●

Digitized by srujanika@gmail.com

।। ଚତୁର୍ଥ ଦୃଶ୍ୟ ।।

(ଗୋପ ସୀମାନ୍ତବର୍ତ୍ତୀ ବୃନ୍ଦାବନ ଅରଣ୍ୟର ଏକ ଅଂଶ; ସମୟ, ଅପରାହ୍ନ; ଆକାଶରେ ଭସା ମେଘ; ଏକ ଲତାକୁଞ୍ଜ ପାଖରେ ବସି କିଶୋର କୃଷ୍ଣ କଣ ନିରୀକ୍ଷଣ କରୁଥାନ୍ତି, ଅଦୂରରେ ନନ୍ଦ)

ନନ୍ଦ ।। ସାବଧାନ କୃଷ୍ଣ···କଣ ଦେଖୁଛୁ ?

କୃଷ୍ଣ ।। ବାବା ଏଇ ଲତା···

ନନ୍ଦ ।। ଦିଶୁଚି ଲତାଭଳି, କିନ୍ତୁ ସେଇଟି ଏକ ପ୍ରକାର ଗୁଳ୍ମ ।

କୃଷ୍ଣ ।। ଆଃ···

ନନ୍ଦ ।। କଣ୍ଟା ବାଜିଲା ତ !

କୃଷ୍ଣ ।। ମୋ ହାତ ବାଜିଲା କ୍ଷଣି ପତ୍ର ଗୁଡ଼ିକ କେମିତି ଖାଉଁଳି ପଡ଼ିଲେ ।

ନନ୍ଦ ।। ସେଥିପାଇଁ ତ ତାର ନାମ ଲଜକୁଳୀ ।

କୃଷ୍ଣ ।। ଲଗୁଚି ଯେମିତି ଗୁଳ୍ମଟି ତାର କୁନି କୁନି ପତ୍ରହାତ ଯୋଡ଼ି ନମସ୍କାର ଜଣାଉଛି —

ନନ୍ଦ ।। ଲଜକୁଳୀର ଅନ୍ୟନାମ କରପତ୍ରାଞ୍ଜଳି । ଭଲ କରି ଲକ୍ଷ୍ୟ କର, ପ୍ରତି ପତ୍ରବୃନ୍ତରେ କେତେ କଣ୍ଟା । ଶ୍ରାବଣ ମାସରେ ଦେଖିବୁ ତୁଳା ଭଳି ନରମ ଆଉ ଫିକା ଲାଲ ରଙ୍ଗର ଫୁଲରେ ପୁରି ଯାଇଥିବ—

Digitized by srujanika@gmail.com

କୃଷ୍ଣ ॥ ମୁଁ ଦେଖିଛି ବାବା, ଏଇ ଫୁଲ ଆଉ ନାଲି ଟୁକୁ ଟୁକୁ ସାଧବ ବୋହୂ ଶ୍ରାବଣର କଅଁଳ ସବୁଜ ଘାସ ଉପରେ ଖୁବ୍ ସୁନ୍ଦର ଦିଶନ୍ତି—(ହଠାତ୍ ନେପଥ୍ୟକୁ ଅଙ୍ଗୁଳି ନିର୍ଦ୍ଦେଶ କରି) ବାବା, ନୀପବୃକ୍ଷ ଏଇଟି ତ ?

ନନ୍ଦ ॥ ହଁ, କଦମ୍ବର ଅନ୍ୟନାମ ନୀପ ।

କୃଷ୍ଣ ॥ କଦମ୍ବ ଫୁଲ ଖୁବ୍ ସୁନ୍ଦର—

ନନ୍ଦ ॥ ବୈଦିକ ସଭ୍ୟତାର ଉନ୍ମେଷ ଲଗ୍ନରୁ ଏହା ମନୁଷ୍ୟର ଅନ୍ୟତମ ସମ୍ମାନଭାଜନ ବନସ୍ପତି । କଦମ୍ବ ପୃଥିବୀରେ ବିବଶତା ଜନ୍ମାଏ, ଶୂନ୍ୟସ୍ଥାନରେ ସୌର୍ଯ୍ୟ ସ୍ଥାପନ କରେ, ବାୟୁ ସହଯୋଗେ ରେଣୁ ସଂଚ୍ଚର କରି ଦେହ ମନରେ ବଳାଧାନ କରାଏ ।

କୃଷ୍ଣ ॥ ଯମୁନା କୂଳରେ, ଗୋବର୍ଦ୍ଧନଗିରି ପାଦ ଦେଶରେ ଅନେକ କଦମ୍ବଗଛ—

ନନ୍ଦ ॥ ହଁ କୃଷ୍ଣ, ସେମାନଙ୍କୁ ଭଲ କରି ଦେଖ, ଚିହ୍ନିରଖ, ଭଲ ପାଇ ଶିଖ । ମନେରଖ, ମଣିଷ ଅମୃତର ସନ୍ତାନ, କାରଣ ତାର ଚତୁର୍ଦ୍ଦିଗ ଅମୃତମୟ । ଆକାଶ, ବାୟୁ, ଜଳ, ବୃକ୍ଷ, ଲତା, ଗୁଳ୍ମ, ସୂର୍ଯ୍ୟଙ୍କ କିରଣ, ଚନ୍ଦ୍ରଙ୍କ ଆଲୋକ, ରାତିର ଅନ୍ଧକାର, ଉଷାର ଆଲୋକ, ଗୋଦୁଗ୍ଧ, ଇକ୍ଷୁରସ—ସବୁକିଛି ଅମୃତର ଅଫୁରନ୍ତ ଉତ୍ସ । ଅଜ୍ଞମାନବ ନିଜ ନିର୍ବୁଦ୍ଧିତାରେ ଏମାନଙ୍କୁ ଉପେକ୍ଷା କରି ଠିକ ନିର୍ଦ୍ଦିଷ୍ଟ ସତ୍ୟ ପଥରୁ ବିଚ୍ୟୁତ ହୁଏ; ଅବକ୍ଷୟର ଶୀତଳ ଅନ୍ଧକାରକୁ ଡାକି ଆଣେ ।

(ଆକାଶରେ ମେଘ ଘନୀଭୂତ ହୋଇ ଆସିଥାଏ, ଝଲସି ଉଠିଲା ବିଜୁଳି, ଗର୍ଜି ଉଠିଲା ବଜ୍ର, କୃଷ୍ଣ ଭୟରେ ନନ୍ଦଙ୍କ ପାଖକୁ ଲାଗି ଆସିଲେ)

Digitized by srujanika@gmail.com

ନନ୍ଦ ॥ (ହସି ହସି) ଡରି ଗଲୁ ? ଆରେ ବଜ୍ର ବିଦ୍ୟୁତ ତ ବର୍ଷାର ସହଚର । ଭଲ ସାଙ୍ଗେ ସାଙ୍ଗେ ମନ୍ଦ, ଫୁଲ ପାଖରେ କଣ୍ଟା- ସୃଷ୍ଟିର ଭାରସାମ୍ୟ ତ ଏମିତି ରକ୍ଷାହୁଏ । ଡ଼ରି ଯାଉଛୁ କାହିଁକି ?

କୃଷ୍ଣ ॥ ନାଇଁ ତ, ଡରୁନାହିଁ ।

(ପ୍ରବେଶ କଲେ ରାଧା, ସଦ୍ୟସ୍ନାତା, କାଖରେ ଜଳକୁମ୍ଭ)

ବାବା, ମାଇଁ—

ନନ୍ଦ ॥ (ଲଘୁ ସ୍ୱରରେ) କଣ ଖରଦୀନଳର ଜ୍ୱାଳା ଯମୁନା ଜଳରେ ଶୀତଳ ହେଲା ନାହିଁ ବୋଲି ବର୍ଷାରେ ଭିଜିବାକୁ ଚାହୁଁଛ ?

ରାଧା ॥ (ବ୍ରୀଡ଼ା ଜଡ଼ିତ ସ୍ୱରରେ) ନନ୍ଦରାଇ—

ନନ୍ଦ ॥ ହଉ ହଉ, ଶୀଘ୍ର ଘରକୁ ଫେରଯାଅ । ଇଶାଣ କୋଣରେ ମେଘ ଉଠିଚି, ପ୍ରବଳ ବର୍ଷା ହେଇପାରେ । ହଁ, କୃଷ୍ଣକୁ ବି ସାଙ୍ଗରେ ନେଇଯାଅ, ତମ ଯଶୋଦା ରାଣୀଙ୍କ ପାଖରେ ଛାଡ଼ିଦେବ ।

ରାଧା ॥ କଣ କହିଲେ, ଯଶୋଦା—ରାଣି ?

ନନ୍ଦ ॥ (ହସି ହସି) ଆରେ ବର୍ଷାବେଳେ ରାଣି ବାକୁରାଙ୍କ ଛଡ଼ା ଅନ୍ୟ ଚିନ୍ତା ମନକୁ ଆସୁନାହିଁ, ଜିଭ ହୁଡ଼ି ଦେଲା ବି ରାଣି ହେଇଗଲା—ହଉ ଯାଅ; କୃଷ୍ଣ, ତୁ ବି ମାଇଁଙ୍କ ସାଙ୍ଗରେ ଚାଲିଯାଅ—

କୃଷ୍ଣ ॥ ମୁଁ ତମ ସାଙ୍ଗରେ ଯିବି ବାବା—

ନନ୍ଦ ॥ ବର୍ଷାରେ ଭିଜିବାକୁ ଷୋହଳ ପଣ ଇଚ୍ଛା ହେଲେ ବିଜୁଳି ଘଡ଼ଘଡ଼ିକୁ ବି ଡର—

ରାଧା ॥ ତମେ ପରା କେତେ କେତେ ଅସୁରଙ୍କୁ ନାଶିଛ କୃଷ୍ଣ, ଏଇ

Digitized by srujanika@gmail.com

ସାମାନ୍ୟ କଥାରେ ଡରଯିବା କଣ ତମକୁ ସାଜେ !

କୃଷ୍ଣ ॥ ମୁଁ ଡରିବ କାହିଁକି !

ରାଧା ॥ ମୋତେ କିନ୍ତୁ ବଡ ଭୟ ଲାଗୁଛି । ବର୍ଷାରାତି, ନିର୍ଜନ ବନ ପଥ । ଘରକୁ କେମିତି ଫେରିବ, କହିଲ ?

କୃଷ୍ଣ ॥ ନନ୍ଦକୂଳରେ ଡେରିକଲ କାହିଁକି, ଏବେ ତମ କଥା ତମେ ବୁଝ । ବାବା, ଚାଲ, ତେଣେ ଗାଈ ବାଛୁରି ଡରିକି ପଳାଇବେ ।

ରାଧା ॥ ମୋତେ ସାହାଯ୍ୟ କର କୃଷ୍ଣ, ମୋତେ ଘରେ ପହଞ୍ଚାଇ ଦିଅ ।

ନନ୍ଦ ॥ କୃଷ୍ଣ, ମାଇଁ ଦୁର୍ବଳା ଅବଳା ନାରୀ । ତାଙ୍କୁ ସାହାଯ୍ୟ କରିବା ପୁରୁଷ ଭାବେ ତୋର ଧର୍ମ—

କୃଷ୍ଣ ॥ ଓହୋ, କି ଗୋଳମାଳ ! × × ଚାଲ ମାଇଁ—

ନନ୍ଦ ॥ ମୁଁ ଚାଲିଲି ରାଧା, ସାବଧାନରେ ଯିବ ଦୁଇଜଣ ।

(ନନ୍ଦ ବ୍ୟସ୍ତ ହୋଇ ଚାଲିଗଲେ, ରାଧା ନିଷ୍ପଲକ ଦୃଷ୍ଟିରେ କୃଷ୍ଣଙ୍କୁ ଦେଖୁଥାନ୍ତି ? ମୃଦୁବାରିପାତ ଆରମ୍ଭ ହେଲା)

କୃଷ୍ଣ ॥ କଣ ଦେଖୁଛ ମାଇଁ ? ଚାଲ, ମା ତେଣେ ବ୍ୟସ୍ତ ହେଉଥିବେ—

ରାଧା ॥ ଯଶୋଦା ଦେଈଙ୍କର ମହାଭାଗ୍ୟ, ସେ ତମକୁ ନିତି ପାଖରେ ପାଉଛନ୍ତି । ଆଜି କିଛି ସମୟ ମୋ ପାଖରେ ରୁହ—

କୃଷ୍ଣ ॥ ହେଲେ ମୋତେ ଏମିତି କଣ ଦେଖୁଛ ?

ରାଧା ॥ ଜନ୍ମ ମୁହୂର୍ତ୍ତରୁ ତମକୁ କେନ୍ଦ୍ର କରି ଅନେକ ଗଳ୍ପ, ବହୁତ କିମ୍ବଦନ୍ତୀ । ଯଶୋଦା ଦେଈ ଦେଖିଲେ ତମ ତୁଣ୍ଡ ଭିତରେ ଖେଳାଏ ମାଟି ବିଶ୍ୱବ୍ରହ୍ମାଣ୍ଡ ଭଳି ବିରାଟ । ନନ୍ଦଘରେ

Digitized by srujanika@gmail.com

ଦେଖିଲେ ତମ ଗୋଡ ବାଜି କଦାକାର ଅଜଗର ସୁଦର୍ଶନ ଦେବକୁମାର ହେଇଗଲା ! ଏଥିରୁ କେତେ ସତ, କେତେ କବି-କଳ୍ପନା ?

କୃଷ୍ଣ ।। ଓହୋ, କଣ ଯେ କହୁଚ ମାଇଁ ମୁଁ କିଛୁ ବୁଝିପାରୁନାହିଁ । ଶୀଘ୍ର ଚାଲ, ବର୍ଷା ଆରମ୍ଭ ହେଲାଣି—

ରାଧା ।। ଘର ବାନ୍ଧି ଶିଖିବା ପୂର୍ବରୁ ଝଡବର୍ଷା ବେଳେ ମଣିଷ ଏଇ ଗଛ ମୂଳରେ ଆଶ୍ରୟ ନେଉଥିଲା, ଆଜି କଣ ଏ ଗଛମାନେ ଆମକୁ ଛାଡ଼ି ଦେବେ ?(କଳସୀ ରଖି ଗଛମୂଳରେ ବସିଲେ)

କୃଷ୍ଣ ।। (ରାଧାଙ୍କ ପାଖରେ ବସି) ବର୍ଷାରେ ଭିଜିବାକୁ ଖୁବ୍ ଭଲ ଲାଗେ, ନୁହେଁ ମାଇଁ ?

ରାଧା ।। (କୃଷ୍ଣଙ୍କ ହାତରୁ ବଂଶୀଟି ନେଇ ଅନ୍ୟମନସ୍କ ଭାବେ ଖେଳୁ ଖେଳୁ) ହଁ, ବର୍ଷାରେ ଭିଜି ଭିଜି ଲତାକୁଞ୍ଜରୁ ଲତାକୁଞ୍ଜ ଘୂରି ବୁଲିବାକୁ, ଶୀତ ସକାଳେ କାକର ଭିଜା ଘାସ ଚଡ଼ଆରେ ଖାଲି ପାଦରେ ଦୌଡିବାକୁ,ଫଗୁଣିଆ ହ'ପହରେ କୋଇଲି କୁମ୍ଭାଟୁଆଙ୍କ ଗୀତ ଶୁଣି ଶୁଣି ତୋଟାରୁ ତୋଟା ବୁଲିବାକୁ ମୋତେ ଖୁବ୍ ଭଲ ଲାଗେ—

କୃଷ୍ଣ ।। ମୋତେ ବି—

ରାଧା ।। (ବଂଶୀକୁ ନିରୀକ୍ଷଣ କରୁ କରୁ) ଶୁଣିଚି ଏଇ ବଂଶୀସ୍ୱର ଶୁଣି ହିଂସ୍ର ପଶୁ, ନିଃସର୍ଗ ପ୍ରକୃତି ସମସ୍ତେ ସ୍ଥିର ହୋଇଯାନ୍ତି ! ସେଇ ବଂଶୀ ବଜାଇ ତମେ ଏ ମେଘମାନଙ୍କୁ ଶାନ୍ତ କରି ପାରିବ ନାହିଁ ?

(ରାଧାଙ୍କ ହାତରୁ ନେଇ କୃଷ୍ଣ ବଂଶୀ ବଜାଇବାକୁ ଲାଗିଲେ, ରାଧା ନିବିଷ୍ଟ ଚିତ୍ତରେ ଶୁଣୁଥାନ୍ତି,ବଜ୍ର ବିଦ୍ୟୁତର ଘନଘଟା କମି ଆସିଲା, ବୃଷ୍ଟିପାତ ମଧ୍ୟ ବନ୍ଦ ହୋଇଗଲା—ମଞ୍ଚ କ୍ରମଶଃ ଅନ୍ଧକାର ହୋଇ ଆସିଲା)

●

Digitized by srujanika@gmail.com

।। ପଞ୍ଚମ ଦୃଶ୍ୟ ।।

(ମଥୁରାରେ ନିଜ ବାସଗୃହ ଅଂଗନରେ ବ୍ୟାୟାମ-ରତ ଚନ୍ଦ୍ରସେଣ; ସମୟ, ପ୍ରତ୍ୟୁଷ, ପ୍ରବେଶ କଲା ମଧୁ, ହାତରେ ଲୁଗାପଟା, ମାଟି ହାଣ୍ଡିରେ ମିଷ୍ଟାନ୍ନ ଓ ଲଗୁଡ଼—)

ମଧୁ ।। ଉଃ, ଯାହେଉ ଶେଷ ପର୍ଯ୍ୟନ୍ତ ତୋ ବସାଘର ଆଉ ଝୁ, ଦୁହେଁଯାକ ମିଳିଗଲୁ (ଜିନିଷପତ୍ର ତଳେ ଥୋଇ ବସି ପଡ଼ିଲା ଥକ୍‌କାରେ) ଆଜି ପାଇଁ ବ୍ୟାୟାମ ଚର୍ଚ୍ଚା ବନ୍ଦ ଥାଉ, ଆ' ବସ୍, ବହୁତ କଥା ଅଛି ।

ଚନ୍ଦ୍ରସେଣ ।। କିନ୍ତୁ ତୁ ଏତେ ସକାଳରୁ ପହଞ୍ଚିଲୁ କେମିତି ?

ମଧୁ ।। ମନ ଥିଲେ ଉପାୟ ଆପେ ଆପେ ମିଳିଯାଏ—

ଚନ୍ଦ୍ରସେଣ ।। ତୁ ଏକା ବନ ପଥରେ ସାରା ରାତି ଚାଲି ଚାଲି ଆସିଛୁ, ବିଶ୍ୱାସ ହେଉନାହିଁ ।

ମଧୁ ।। ଏକା ନଥିଲି, ମୋ ସାଙ୍ଗରେ ଥିଲେ ମଥୁରାର ଅନ୍ୟତମ ଆରକ୍ଷୀ ନିରୀକ୍ଷକ; ଆଉ ଚାଲି ଚାଲି ନୁହେଁ, ତାଙ୍କ ରଥରେ ବସି ବସି ଆସିଚି ।

ଚନ୍ଦ୍ରସେଣ ।। ଆରକ୍ଷୀ ନିରୀକ୍ଷକଙ୍କ ରଥରେ ବସି—

ମଧୁ ।। ଉପଯୁକ୍ତ ଦକ୍ଷିଣା ଦେଲେ ମହାରାଜଙ୍କ ରଥ କଡ଼ରେ ବି ସ୍ଥାନ ମିଳି ପାରିବ—

Digitized by srujanika@gmail.com

ଚନ୍ଦ୍ରସେଣ ॥ ଦକ୍ଷିଣା, ମାନେ, ଉତ୍କୋଚ ?

ମଧୁ ॥ ଏକ ଭଗବାନଙ୍କର ଅନେକ ନାମ ଭଳି ଏଦ୍ୱାର ମଧ୍ୟ ଅନେକ ରୂପ, ଅନେକ ନାମ । ତୁ ଅବୋଧ ଯୁବକ, ଏ ରହସ୍ୟ ତୋ ପାଇଁ ଦୁର୍ଭେଦ୍ୟ । ଗୁଣ୍ଡ଼, ବସିପଡ଼, ଦେଖ କଣ ଆଣିଛୁ (ହାଣ୍ଡି ଖୋଲୁ ଖୋଲୁ) ରାଣୀମା' ପଠେଇଛନ୍ତି ଲଡ଼ୁ, ସରପୁଳି; ଆମ ଘରୁ ଆଣିଚ ଖଜା, ଆରିଷା, ଆଉ ଶ୍ରୀମତୀ ରାଧା ପଠେଇଛନ୍ତି ଶୁଦ୍ଧ ଗବ୍ୟଛେନାରେ ନିର୍ମିତ ପ୍ରେମମଧୁରେ ସିକ୍ତ ରସଗୋଲକ···

ଚନ୍ଦ୍ରସେଣ ॥ (ସ୍ୱର ଉଦାସ ହୋଇ ଉଠିଲା) କେମିତି ଅଛି ସେ ?

ମଧୁ ॥ ଯେମିତି ରଖିଆସିଥିଲୁ ତୁ ଚଣ୍ଡାଳ ! ନୟନରୁ ନୀର ବହେ ଅବିରାମ, କାନ୍ଦ କାନ୍ଦ ତନୁ ହୋଇଲାଣି କ୍ଷୀଣ । ଆଉ ସେଇଥି ପାଇଁ ରାଣୀ ମା'ଙ୍କର କଡ଼ା ଆଦେଶ, ରାଜକାର୍ଯ୍ୟକୁ ଝାଡ଼ୁ ପ୍ରହାର କରି ତୁ ଅତି ଶୀଘ୍ର ଗୋପପୁର ଫେରିଚାଲ –

ଚନ୍ଦ୍ରସେଣ ॥ ଫେରିଯିବାକୁ କଣ ମୋ ମନ ଚାହୁଁନାହିଁ, ମଧୁ ? × × × ଅପରିଣତ ବୟସରେ ମଥୁରା କଟକର ଚାକଚକ୍ୟ ମୋତେ ପଥଭ୍ରାନ୍ତ କରିଥିଲା । ମୁଗ୍ଧ କରିଥିଲା ମୋତେ ରାଜପଥର ଗହଳ ଚହଳ, ସୁସଜ୍ଜିତ ବିପଣୀରେ ସୁବେଶ କ୍ରେତା— ବିକ୍ରେତାଙ୍କ ଭିଡ଼, ରାଜପଥର ଉଭୟ ପାର୍ଶ୍ୱର ସୁଶୋଭନ ହର୍ମ୍ୟମାଳା, ସୂର୍ଯ୍ୟାସ୍ତ ପରର ଉଜ୍ଜ୍ୱଳ ଆଲୋକ, ରମଣୀୟ ଉଦ୍ୟାନ ଉପବନ । ନାଗରିକ ଜୀବନର ବାହାରର ଆଖି ଝଲସା ରୂପରେ ନିଜକୁ ଭୁଲି ଯାଇଥିଲି । ଆଜି କିନ୍ତୁ ସେ ମହାକାଳ ଫଳର ସ୍ୱରୂପ ଜାଣି ପାରିଚି, ମୋହ ତୁଟି ଯାଇଚି । ମୁଁ ବି ଫେରିଯିବାକୁ ବ୍ୟଗ୍ର—

ମଧୁ ॥ ଅତି ଉତ୍ତମ ହେଲା । ଘର ପୁଅ ତୁ ଘରକୁ ଫେରିଯାଆ,

Digitized by srujanika@gmail.com

ଆଉ ଯିବା ଆଗରୁ ତୋ ପଦରେ ମୋତେ ରାଜକାର୍ଯ୍ୟରେ ନିଯୁକ୍ତ ଦେଇଯାଅ ।

ଚନ୍ଦ୍ରସେଣ ॥ କିନ୍ତୁ ତା' କେମିତି ସମ୍ଭବ ?

ମଧୁ ॥ ମହାମନ୍ତ୍ରୀଙ୍କ ପ୍ରିୟପାତ୍ର ତୁ, ତୁ ଚାହିଁଲେ ଅସମ୍ଭବ ବି ସମ୍ଭବ ହୋଇ ପାରିବ ।

ଚନ୍ଦ୍ରସେଣ ॥ ତୋର ଏ ଧାରଣା ଭୁଲ । ରାଜକାର୍ଯ୍ୟ ପାଇବା ପାଇଁ ଯୋଗ୍ୟତାର ପ୍ରମାଣ ଦେବାକୁ ହେବ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ—

ମଧୁ ॥ ସେ ପାଇଁ ତୁ ବ୍ୟସ୍ତ ହ' ନାହିଁ । ଶୁଣିଛି କଂସଙ୍କ କର୍ମଚାରୀମାନେ ଉପଯୁକ୍ତ ଦକ୍ଷିଣା ପାଇଲେ ଦିନକୁ ରାତି ଆଉ ରାତିକୁ ଦିନ କରି ପାରନ୍ତି । ତୁ କେବଳ ମୋତେ ଠିକଣା ଲୋକ ସହ ପରିଚୟ କରାଇ ଦେ', ଠିକଣା କାଞ୍ଚନ ମୂଲ୍ୟ ଦେଇ ସବୁ ଯୋଗ୍ୟତା ପ୍ରମାଣ କରାଇବାର ଦାୟିତ୍ୱ ମୋର—

ଚନ୍ଦ୍ରସେଣ ॥ ବଡ଼ ଦୁଃଖର କଥା ମଧୁ, ପର ପାଖରେ ମୁଣ୍ଡ ନୁଆଁଇବାକୁ ତୁ ଏତେ ଆଗ୍ରହୀ ହୋଇ ପଡ଼ିଛୁ । ହାତରେ ଯଥେଷ୍ଟ ଧନ ଅଛି ଗୋପାଳନ, କୃଷିକର୍ମ, ବ୍ୟବସାୟ କର; ଅସାଧୁ ପ୍ରଭୁର ଭୃତ୍ୟ ହେବୁ କାହିଁକି ?

ମଧୁ ॥ ତୁ ଜାଣୁ ମୁଁ ଆଜନ୍ମ କର୍ମକୁଣ୍ଠ । ରାଜକର୍ମଚାରୀର ନିୟମିତ ଆୟ ଆଉ ଅନାୟାସ ସହଜ ଜୀବନ ହିଁ ମୁଁ ଚାହେଁ; କୃଷି-କର୍ମ, ବାଣିଜ୍ୟ, ଗୋପାଳନ, ଏ ସବୁରେ ପରିଶ୍ରମ ବହୁତ ବେଶୀ । ମୁଁ ପାରିବ ନାହିଁ ।

ଚନ୍ଦ୍ରସେଣ ॥ ରାଜକର୍ମଚାରୀର ଜୀବନ ଖୁବ୍ ଆନନ୍ଦମୟ, ନୁହେଁ ?

ମଧୁ ॥ ଆରେ ପାଣିର ଲହଡ଼ି ଆଉ ଉଡ଼ନ୍ତା ଚଢ଼େଇର ପର ଗଣି

Digitized by srujanika@gmail.com

ଅର୍ଥ ଉପାର୍ଜନ ସମ୍ଭବ ଏଥିରେ, ଏ ସୁଯୋଗ ଛାଡ଼ିବାର ଅଛି ! ତୁ ଆଜ କପଟ କର ନାହିଁ ବନ୍ଧୁ, ମୋତେ ଠିକେ ସାହାଯ୍ୟ କର; ରାଜକାର୍ଯ୍ୟଟିଏ ନ ମିଳିଲେ ମୋର ବଞ୍ଚିବା ଅକାରଣ ହୋଇଯିବ--

ଚନ୍ଦ୍ରସେଣ ॥ ମୁଁ ନିରୁପାୟ, ମଧୁ । ବର୍ତ୍ତମାନ ନିଯୁକ୍ତି, ପଦୋନ୍ନତି, ସ୍ଥାନାନ୍ତର—ସବୁ କ୍ଷମତା ମହାରାଜଙ୍କ ମାଗଧୀ ପରାମର୍ଶ-ଦାତାମାନଙ୍କ ହାତରେ । ମହାମନ୍ତ୍ରୀ ଅକ୍ରୂର ମଧ ବର୍ତ୍ତମାନ ଅସହାୟ ।

ମଧୁ ॥ ତୁଟା ଅତି ସ୍ୱାର୍ଥପର—

ଚନ୍ଦ୍ରସେଣ ॥ ବିଶ୍ୱାସ କର ମଧୁ, ମୁଁ ନିଜେ ଏଇ ନର୍କରୁ ମୁକ୍ତି ଚାହେଁ । ଆପାତତଃ ମୁଁ ନିଲମ୍ବିତ, ଅତି ଶୀଘ୍ର କର୍ମଚ୍ୟୁତ ହେବି । ଆଉ ତା'ପରେ ହିଁ ମୋର ମୁକ୍ତି । ତୁ ଫେରିଯାଅ ମଧୁ, ଗୋପରେ ବହୁତ କାମ କରିବାର ଅଛି । ମହାରାଜଙ୍କ ଉଦ୍ଦେଶ୍ୟ କିଛି ଭଲ ଜଣାପଡୁନାହିଁ, ଗୋପ ଉପରକୁ ଧାଡ଼ି ଦେଇ ପାରନ୍ତି --

ମଧୁ ॥ ଏକା କଂସ କାହିଁକି ତାର ସମଗ୍ର ପାପୀ ଗଣଙ୍କୁ ନେଇ ଗୋପ ଆକ୍ରମଣ କରୁ, ଆମ କୃଷ୍ଣ ବଳରାମଙ୍କ ଦୁଇ ଫୁତ୍କାରରେ ଉଡ଼ିଯିବେ ସମସ୍ତେ—

ଚନ୍ଦ୍ରସେଣ ॥ ଏକା କୃଷ୍ଣ ବଳରାମ, ଦୁଇ ଦୁଗ୍ଧପୋଷ୍ୟ ଶିଶୁଙ୍କ କାନ୍ଧରେ ସବୁ ଭାର ଲଦିଦେଇ ନିଶ୍ଚିନ୍ତରେ ରହି ପାରିବ ତମେ ?

ମଧୁ ॥ ତୁ ସେ କଥା ଆଦୌ ଭାବ ନାହିଁ; କୃଷ୍ଣ ବଳରାମ ଯଦି ଶିଶୁ, ତମ ମହାରାଜାଟି ନିର୍ଘାତ ପଶୁ । ×× ତୁ କେବଳ ମୋର ଗୋଟାଏ ବ୍ୟବସ୍ଥା କରିଦେ', ଆଜୀବନ ତୋର କିଣାକିଙ୍କର ହୋଇ ରହିବି ।

Digitized by srujanika@gmail.com

ଚନ୍ଦ୍ରସେଣ ॥ ତୁ ଆଦୌ ବୁଝିବାକୁ ଚେଷ୍ଟା କରୁନାହୁଁ—

ମଧୁ ॥ (ଉଷ୍ମ ସ୍ୱରରେ) ମୁଁ ଠିକ୍ ବୁଝୁଚ, ତୋ ସୌଭାଗ୍ୟରେ ଭାଗ ବସେଇବ ବୋଲି—

ଚନ୍ଦ୍ରସେଣ ॥ (ମ୍ଲାନ ହସି) ସୌଭାଗ୍ୟ !

ମଧୁ ॥ ନୁହେଁ ଯଦ୍ଦ ନିଜେ ଖାଇଲା ବେଳକୁ ମହୁ ଭଳି ମିଠା ଆଉ ଅନ୍ୟକୁ ଦେବା ବେଳକୁ ନିମ୍ବପିତା କାହିଁକି ? ଏଇଟା ତୋର ଈର୍ଷାପରାୟଣତା ନୁହେଁ ?

ଚନ୍ଦ୍ରସେଣ ॥ ତୋତେ କେମିତି ଯେ ବୁଝାଇବ—

ମଧୁ ॥ ଆଉ ବୁଝାଇବା ଦରକାର ନାହିଁ, ତୋତେ ଠିକ୍ ଚହ୍ନି-ଗଲି । (ଲୁଗାପଟା ବାନ୍ଧି ଉଠିଲା) ହଉ ଚନ୍ଦ୍ରସେଣ, ଏକା ମାଘରେ ଶୀତ ଯାଏ ନାହିଁ । ଆମ ବେଳା ମଧ ଆସିବ । ସେତେବେଳେ ବୁଝାବୁଝି ହେବା । (କ୍ରୁଦ୍ଧ ଗତିରେ ପ୍ରସ୍ଥାନ)

ଚନ୍ଦ୍ରସେଣ ॥ (କ୍ଷୁବ୍ଧ ସ୍ୱରରେ) ତୁ ବା କେମିତି ବୁଝିବୁ କ୍ରୀତଦାସର ଗ୍ଲାନି ଓ ମନସ୍ତାପ, କେମିତି ଜାଣିବୁ ପ୍ରବାସୀ ପ୍ରାଣର ବ୍ୟଥା, କେମିତି ହେଜବୁ ପରାଧୀନତାର ଶୃଙ୍ଖଳ ପିନ୍ଧିବାର ଯନ୍ତ୍ରଣା; ତୁ ତ ଭୁକ୍ତଭୋଗୀ ନୋହୁଁ ! ଗୋଟିଏ ସରଳ ଗ୍ରାମୀଣ ପରିବେଶରେ ରହି ମଥୁରା କଟକର ଯେଉଁ ଛବି ମନରେ ଆଙ୍କିଛୁ, ତା' ଯେ କେତେ ରଙ୍ଗଛଡ଼ା ସମସ୍ତ ନ ହେଲେ ଜାଣିବୁ କେମିତି !

(ଚନ୍ଦ୍ରସେଣ ମଧୁର ଯିବା ପଥକୁ ଚାହିଁଥାନ୍ତି, ମଞ୍ଚ କ୍ରମଶଃ ଅନ୍ଧକାର ହେଲା)

●

Digitized by srujanika@gmail.com

।। ଷଷ୍ଠ ଦୃଶ୍ୟ ।।

(ଗୋପପୁରରେ ନିଜ ବାସଭବନରେ ଏକ ପ୍ରକୋଷ୍ଠର ବାତାୟନ ନିକଟରେ ରାଧା, ଅନ୍ୟ-ମନସ୍କା; ସମୟ ଅପରାହ୍ଣ; ପ୍ରବେଶ କଲେ ଲଳିତା; ରାଧା ତଥାପି ଅନ୍ୟମନସ୍କା, ଲଳିତା ଆଗେଇ ଯାଇ ରାଧାଙ୍କ କାନ୍ଧ ଉପରେ ହାତ ରଖିଲେ, ରାଧା ଚମକି ଉଠି ପଡ଼ିଲେ—)

ଲଳିତା ।। ତମର କଣ ହେଉଛି ରାଧା ? ସେଦିନ ବର୍ଷାରେ ଭିଜିଭିଜି ଫେରିବା ପରଠାରୁ ତମେ କେମିତି ଆନମନା । ଆଖିର ଚାହାଣୀରେ କେବେ ବିଜୁଳିର ଚମକ ତ କେବେ ବୈଶା-ଖର ଉଦାସୀନତା, ଓଠରେ ଅକାରଣ ହସର ଫୁଲଝରି···

ରାଧା ।। (ସଲ୍ଲଜ ଭାବରେ) ନା, ମାନେ ··ଏମିତି (ଇତସ୍ତତଃ ହୋଇ ପଡ଼ିଲେ ଶବ୍ଦ ପାଇଁ)

ଲଳିତା ।। କଣ ହେଉଛି ରାଧା ? ଏ ଦୀର୍ଘଶ୍ୱାସ, ଏ ବେପଥୁ, ରୋମାଞ୍ଚ-

ରାଧା ।। ଲଳିତା !

ଲଳିତା ।। ଶୁଣିଥିଲି ବିରହାନଳର ଜ୍ୱାଳା ପ୍ରବଳ, ଆଜି କିନ୍ତୁ ଦେଖୁଛି ସେଇ ନିଆଁର ନୀଳ ଆଭାରେ ତମର ପିନ୍ଧା ପାଟ, ଗଳାର ପଦ୍ମହାର ସବୁ ନୀଳ ହୋଇ ଯାଉଛି—

ରାଧା ।। କେବଳ ବିରହ କାହିଁକି, କାମନାର ରଂଗ ବି ନୀଳ ।

Digitized by srujanika@gmail.com

ଲଳିତା ॥ ଆଉର କେତେ ନୀଳ ଅଛି, ଆକାଶ, ଯମୁନାର ଜଳ,
ବୃନ୍ଦାରଣ୍ୟର ତମାଳ, ଅପରାଜିତା ଫୁଲ, ଭ୍ରମର—

ରାଧା ॥ ସବୁର ରଂଗ ତ ନୀଳ, ନୀଳ କୃଷ୍ଣଙ୍କ ଦେହକାନ୍ତି !

ଲଳିତା ॥ (ବିସ୍ମୟାବିଷ୍ଟ) ରାଧା !

ରାଧା ॥ ହଁ ଲଳିତା ସେଦିନର ସେ ମେଘମେଦୁର ସନ୍ଧ୍ୟାରେ ଯମୁନା-
ତଟ କୁଞ୍ଜବନରେ ତାଙ୍କ ବଂଶୀର ମଧୁର ସ୍ୱର ଶୁଣିବା
ମୁହୂର୍ତ୍ତରୁ ମୋର ଯେ କଣ ହୋଇଛି, ମୁଁ ବୁଝିପାରୁନାହିଁ ।
କୌଣସି କାମରେ ମନ ଲଗୁନାହିଁ । କେତେ ରହି ସ୍ୱପ୍ନ
ଦେଖୁଚ । ଶୋଇଲେ ନିଦ ଆସୁନାହିଁ । ବସନ ଭୂଷଣରେ
ଆଗ୍ରହ ନାହିଁ—

ଲଳିତା ॥ (ରହସ୍ୟ ସ୍ୱରରେ) ଘନକଳି ଆଖି କୋଣରେ ଜମି ଯାଉ-
ଥିବ ବିଷାଦର ମେଘ ଅବସାଦରାହୁ-ଗ୍ରାସରେ ମଳିନ
ଦିଶୁଥିବ ମୁଖଶଶୀ,ଅଜଣା ଉତ୍ତେଜନାରେ ସ୍ୱେଦସିକ୍ତ ହୋଇ
ଉଠୁଥିବ ହାଟକବରଣ ତନୁ—

ରାଧା ॥ ହଁ ଲଳିତା—

ଲଳିତା ॥ ଏକା ତମର ନୁହେଁ, ବହୁ ଗୋପ ଗୁଆଳୀଙ୍କର ଏଇ ଏକ
ଅବସ୍ଥା । କିନ୍ତୁ—

ରାଧା ॥ (ଉତ୍‌କଣ୍ଠାର ସହ) ଅନେକ କିନ୍ତୁର ବାଧା ଡେଇଁ ମନ
କଥା ତୋତେ କହିଲି ଲଳିତା, ମୋର ଅନ୍ତରତମା ବାନ୍ଧବୀ
ତୁ, ଏଣିକ ଦାୟିତ୍ୱ ତୋର—

(ରାଧାଙ୍କ ଗୀତ)

ଶୁଣ ସଖୀ ମୋର ଗୀର, ମୋତେ ତୁ ଆକଟ ଆଉ ନକର
ଲାଜ ଭୟ ମୁଁ ଛାଡ଼ିଲି ନିଜର, ସଜନୀ ଗୋ···

Digitized by srujanika@gmail.com

'ବାଜୁ ଦୂଷଣ ଘୋଷଣ, ହେଲେ ହେଉ ପଛେ ନାନା କଷଣ
ଅପବାଦ ନିନ୍ଦାକୁ କଲି ମୁଁ ଅଂଗ ଭୂଷଣ, ସଜନୀ ଗୋ···
ଭୟକୁ ତେଜି ବନ୍ଧନ ବେଗେ ଭେଟାଅ ସେ କାମମୋହନ
ଦିବାନିଶି ପ୍ରାଣ ହୁଏ ଦହନ, ସଜନୀ ଗୋ···

Digitized by srujanika@gmail.com

॥ ସପ୍ତମ ଦୃଶ୍ୟ ॥

(ଦ୍ୱିତୀୟ ଦୃଶ୍ୟର ସେହି କକ୍ଷ, ଏକମାତ୍ର ଆସନରେ ଉପବିଷ୍ଟ ବୃହଦ୍ବଳ, ନିକଟରେ ଅକ୍ରୂର; ସମୟ, ମଧ୍ୟାହ୍ନ)

ବୃହଦ୍ବଳ ॥ କୋଷାଧ୍ୟକ୍ଷ କହୁଥିଲେ, କେତେକ ଅଞ୍ଚଳରେ ରାଜସ୍ୱ ଆଦାୟ ଆଶାନୁରୂପ ନୁହେଁ—

ଅକ୍ରୂର ॥ ବର୍ଦ୍ଧିତ କର ହାରରେ ବ୍ୟତିବ୍ୟସ୍ତ ଲୋକଙ୍କ ପାଖରେ ରାଜସ୍ୱ ଦେବାକୁ ସମ୍ବଳ ନାହିଁ ହୁଏତ !

ବୃହଦ୍ବଳ ॥ କିମ୍ବା ହୁଏତ, ଆଦାୟକାରୀ କର୍ମଚାରୀମାନେ ଅପାରଗ ! (ତୀବ୍ର ସ୍ୱରରେ) ଅପଦାର୍ଥ, ଅପୋଗଣ୍ଡ—ସମସ୍ତେ । ସମସ୍ତଙ୍କୁ ହତ୍ୟା କରିଦିବା ଉଚିତ ।

ଅକ୍ରୂର ॥ ମଥୁରାର ସର୍ବମୟ କର୍ତ୍ତା ଆପଣ, ଯାହା ଉଚିତ ମଣିବେ, କରିବେ ।

ବୃହଦ୍ବଳ ॥ (ସାଧାରଣ ସ୍ୱରରେ) ଅକ୍ରୂର, ତମେ ଜଣେ ପ୍ରବୀଣ ପାରିଷଦ । ତମେ ନିଶ୍ଚୟ ଜାଣ; ମୁଁ ତମର ଉପରିସ୍ଥ, ତେଣୁ ତମର ସମ୍ମାନ ଭାଜନ । ତମେ ମୋତେ ମହାଭାଗ, ମହାଶୟ, ମହାତ୍ମା ବା ସେମିତି କିଛି ସମ୍ବୋଧନ କରିବା ଏକାନ୍ତ ବିଧେୟ । (ତୀବ୍ର ସ୍ୱରରେ) ଏତିକ ଶିକ୍ଷା ନାହିଁ ଏପର୍ଯ୍ୟନ୍ତ ?

ଅକ୍ରୂର ॥ ସମ୍ମାନ ଭିକ୍ଷାରେ ମିଳେନାହିଁ ମହାଭାଗ, ପଶୁବଳର ଭୟ

Digitized by srujanika@gmail.com

ଦେଖାଇ ମଧ୍ୟ ସମ୍ମାନ ଭାଜନ ହେବା ଅସମ୍ଭବ । ନିଜେ ସମ୍ମାନର ଯୋଗ୍ୟ ହୁଅନ୍ତୁ —

(ଦ୍ରୁତ ପଦକ୍ଷେପରେ ଅକ୍ରୂରଙ୍କ ପ୍ରସ୍ଥାନ, ଯିବା ବାଟକୁ ଚାହିଁ କ୍ରୁଦ୍ଧ ଆକ୍ରୋଶରେ ଫାଟି ପଡ଼ିଲେ ବୃହଦ୍ଘ୍ନ)

ବୃହଦ୍ଘ୍ନ ॥ (ତୀବ୍ର ସ୍ୱରରେ) ଆବଶ୍ୟକ ହେଲେ ମଥୁରା ନଗରୀକୁ ଭାଙ୍ଗି ତାଡ଼ି ନେଇ ସମୁଦ୍ର ସ୍ରୋତରେ ଭସାଇ ଦେବ । ଏ ରାଜ୍ୟର ଆବାଳବୃଦ୍ଧ ବନିତା, ସମସ୍ତଙ୍କ ରକ୍ତରେ ହୋରି ଖେଳିବ । ତମ ଔଦ୍ଧତ୍ୟର ସମୁଚିତ ଶାସ୍ତି ତମେ ପାଇବ ଅକ୍ରୂର; ଆଉ କିଛି ଦିନ ଯାଉ—

(ପ୍ରବେଶ କଲେ ଚନ୍ଦ୍ରସେଣ, ଅଭିବାଦନ ଜଣାଇଲେ, ବୃହଦ୍ଘ୍ନଙ୍କ ସ୍ୱର ସଂଯତ, ଭଙ୍ଗୀରେ ଛଦ୍ମ ଆନ୍ତରିକତା)

ଆସ ଇନ୍ଦ୍ରସେଣ, ଆସ, ମୁଁ ତମକୁ ହିଁ ଅପେକ୍ଷା କରି ରହିଛି ।

ଚନ୍ଦ୍ରସେଣ ॥ ମୁଁ ଇନ୍ଦ୍ରସେଣ ନୁହେଁ ମହାଭାଗ, ଚନ୍ଦ୍ରସେଣ—

ବୃହଦ୍ଘ୍ନ ॥ ମହାଭାଗ ! (ଆନନ୍ଦିତ ସ୍ୱରରେ) ତମେ ଶିଷ୍ଟାଚାର ଜାଣ, ତମେ ନିଶ୍ଚୟ ଉନ୍ନତି କରିବ । ଆସ ଭଦ୍ରସେଣ, ପାଖକୁ ଆସ —

ଚନ୍ଦ୍ରସେଣ ॥ ମୁଁ ଚନ୍ଦ୍ରସେଣ, ମହାଭାଗ—

ବୃହଦ୍ଘ୍ନ ॥ ଚନ୍ଦ୍ର ମନ୍ଦ୍ର ଇନ୍ଦ୍ର ଯେଉଁ ନାମ ହେଉ, ତମର ଉନ୍ନତି ଅବଶ୍ୟମ୍ଭାବୀ । ଆଚ୍ଛା ତମର ନିବାସ ବୋଧହୁଏ ଗୋପରେ ?

ଚନ୍ଦ୍ରସେଣ ॥ ହଁ, ମହାଭାଗ ।

ବୃହଦ୍ଘ୍ନ ॥ ଯାଦବ ଦଳପତି ନନ୍ଦ ତମର ଭଗ୍ନୀପତି ?

Digitized by srujanika@gmail.com

ଚନ୍ଦ୍ରସେନ ॥ ହଁ, ମହାଭାଗ !

ବୃହଦ୍ଘ୍ନ ॥ କୃଷ୍ଣ ଆଉ ବଳରାମ ?

ଚନ୍ଦ୍ରସେନ ॥ ମୋ ଯଶୋଦା ଦେଈଙ୍କର ନୟନର ତାରା—

ବୃହଦ୍ଘ୍ନ ॥ ତେବେ ଭାଗ୍ୟଲକ୍ଷ୍ମୀ ତମ ପ୍ରତି ଅତି ସୁପ୍ରସନ୍ନା ଜାଣିବାକୁ ହେବ ।

ଚନ୍ଦ୍ରସେନ ॥ ମୁଁ ଠିକ୍ ବୁଝି ପାରିଲି ନାହିଁ, ମହାଭାଗ ।

ବୃହଦ୍ଘ୍ନ ॥ ଆଃ ଚନ୍ଦ୍ରସେନ, ବୁଦ୍ଧିମାନ ପାଇଁ ଅଳ୍ପଟିକେ ଇଙ୍ଗିତ ଯଥେଷ୍ଟ । ତମେ ଅଚିରେ ମଥୁରା ଶାସନ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦ ଅଧିକାର କରିବ, ଏତିକି ବୁଝିପାରୁ ନାହଁ ! (ମଦ୍ୟ ପାତ୍ର ବଢ଼ାଇ) ଏଇ ନିଅ, ପିଇ ଦିଅ । ଉତ୍କୃଷ୍ଟ, ମାଗଧୀ ସୁରା ତମ ବୁଦ୍ଧିର ବିକାଶ ଦିଗରେ ସାହାଯ୍ୟ କରିବ ।

ଚନ୍ଦ୍ରସେନ ॥ ମୁଁ ମଦ୍ୟପାନ କରେ ନାହିଁ ମହାଭାଗ ।

ବୃହଦ୍ଘ୍ନ ॥ ଦେଖ, ରାଜ କର୍ମଚାରୀ ପାଇଁ ମଦ୍ୟପାନ ଦୋଷାବହ ନୁହେଁ; ଏହା ଆଭିଜାତ୍ୟର ଲକ୍ଷଣ । ନିଅ—

ଚନ୍ଦ୍ରସେନ ॥ କ୍ଷମା କରନ୍ତୁ, ମହାଭାଗ—

ବୃହଦ୍ଘ୍ନ ॥ ଏଇଏ ତମର ଗ୍ରାମ୍ୟ କୁସଂସ୍କାର । ବ୍ୟସ୍ତ ହୁଅ ନାହିଁ, ତମକୁ ସବୁ ଶିଖାଇ ଦେବ । ଉନ୍ନତିର ଶୀର୍ଷତମ ସୋପାନରେ ପହଞ୍ଚାଇ ଦେବ । ଅତୁଳ ଐଶ୍ୱର୍ଯ୍ୟ, ଅମାପ କ୍ଷମତା ତମର ହସ୍ତଗତ ହେବ ।

ଚନ୍ଦ୍ରସେନ ॥ ସେଥି ପାଇଁ ମୋତେ କଣ କରିବାକୁ ହେବ ମହାଭାଗ ?

ବୃହଦ୍ଘ୍ନ ॥ ଖୁବ ସହଜ କାମ, ଅନ୍ତତଃ ତମ ପକ୍ଷରେ । (ଷଡ଼ଯନ୍ତ୍ରକାରୀ ସୁଲଭ ନିମ୍ନ ସ୍ୱରରେ) ସ୍ନେହର ଯଷ୍ଠ ମିଷ୍ଟାନ୍ନରେ ବିଷ ଦେଇ ପାର, ଜଳକ୍ରୀଡା ଛଳରେ ନଈରେ ବୁଡେଇ ଦେଇ ପାର,

Digitized by srujanika@gmail.com

ମୃଗୟା ବ୍ୟାଜରେ ବନ ମଧ୍ୟରେ ହିଂସ୍ର ପଶୁ ମୁହଁକୁ ଠେଲି ଦେଇ ପାର । (ପୈଶାଚିକ ଉଲ୍ଲାସରେ ହସି ଉଠିଲେ) ତମକୁ ଯେମିତି ସୁବିଧା—

ଚନ୍ଦ୍ରସେଣ ॥ (ସନ୍ଦିଗ୍ଧ ସ୍ୱରରେ) ମାନେ ?

ବୃହଦ୍ରଥ ॥ ତଥାପି ବୁଝିପାରିଲ ନାହିଁ ? ମୁଁ କହୁଛି ତମେ ଯଦି କୌଣସି ଉପାୟରେ ତମ ମହାରାଜଙ୍କର ଚରମ ଶତ୍ରୁ ସେଇ ଦୁଷ୍ଟ ଦୁଇ ବାଳକ କୃଷ୍ଣ ବଳରାମଙ୍କୁ ହତ୍ୟା କରିପାରିବ—

ଚନ୍ଦ୍ରସେଣ ॥ (ବାଧା ଦେଇ) ଦୁଇଟି ଦୁଗ୍ଧପୋଷ୍ୟ ବାଳକଙ୍କୁ ଏମିତି ଜଘନ୍ୟ ଭାବେ—

ବୃହଦ୍ରଥ ॥ ବିଷଧର ସର୍ପ କ୍ଷୁଦ୍ର ବୋଲି କଣ ଅବଧ ? ଶତ୍ରୁନାଶ ପାଇଁ ଯେ କୌଣସି ଉପାୟ ଅବଲମ୍ବନ କରିବା ଏକାନ୍ତ ଶାସ୍ତ୍ର ସମ୍ମତ ।

ଚନ୍ଦ୍ରସେଣ ॥ ମୋତେ କ୍ଷମା କରନ୍ତୁ ମହାଭାଗ । ଆବଶ୍ୟକ ହେଲେ ଅନ୍ନ-ଋଣ ପରିଶୋଧ କରିବା ନିମନ୍ତେ ଆତ୍ମୀୟ ହତ୍ୟାର ମହା-ପାପ ବରଣ କରିବାକୁ ମୁଁ ପ୍ରସ୍ତୁତ, କିନ୍ତୁ ତାହା କରିବି ପ୍ରକାଶ୍ୟ ଦିବାଲୋକରେ, ସମ୍ମୁଖ ସଂଗ୍ରାମରେ, କ୍ଷତ୍ରିୟୋ-ଚିତ ନୀତି ଅନୁଯାୟୀ । ଏଭଳି ନୀଚ ବର୍ବରୋଚିତ ଗୁପ୍ତ ହତ୍ୟା—

ବୃହଦ୍ରଥ ॥ ନୀଚ ! ବର୍ବରୋଚିତ ! ନା ମଦ୍ରସେଣ, ତମେ ଏକାନ୍ତ ନିର୍ବୋଧ; ଭାବି ଦେଖ, ଗୋପ ଆକ୍ରମଣ କଲେ ତମର କେତେ କ୍ଷତି ! ମହାରାଜାଙ୍କ ମାଗଧୀ ବାହିନୀ ଗୋପ ବିଜୟ ପରେ ଯେଉଁ ହତ୍ୟା, ଲୁଣ୍ଠନ, ଧର୍ଷଣର ମହାମାରୀ ସୃଷ୍ଟି କରିବେ, ତାର ଫଳ କେତେ ବିଷମୟ ହୋଇପାରେ । ହୁଏତ ତମର ନବୋଢ଼ା ପତ୍ନୀଟି ସେଇ ଗୋଳମାଳ

ଭିତରେ — (ବାକ୍ୟ ଅସଂପୂର୍ଣ୍ଣ ରହିଗଲା, ହସି ଉଠିଲେ ପୈଶାଚିକ ଉଲ୍ଲାସରେ)

ଚନ୍ଦ୍ରସେଣ ॥ (ନମ୍ର ସ୍ୱରରେ) ଦୁରାତ୍ମା ନର ପିଶାଚ ! (ଆତ୍ମ ସଂଯମର ଉଦ୍ୟମ କରୁଥାନ୍ତି)

ବୃହଦ୍ଘ୍ନ ॥ ତମେ ମୋତେ ରାକ୍ଷସ ବା ପିଶାଚ ଯାହା ଭାବ, କିନ୍ତୁ ମୋ ଆଦେଶ ପାଳନ କରିବା ତମର କର୍ତ୍ତବ୍ୟ । ରାଜ କର୍ମଚାରୀ ଭାବେ ମହାରାଜଙ୍କ ଅଭୀଷ୍ଟସାଧନ ତମର ଧର୍ମ । (ତୀବ୍ର ସ୍ୱରରେ) କୁହ, କାମଟା କରିବ କି ନାହିଁ ?

ଚନ୍ଦ୍ରସେଣ ॥ ପ୍ରାଣ ବିନିମୟରେ ମଧ୍ୟ ନୁହେଁ ।

ବୃହଦ୍ଘ୍ନ ॥ ଆଦେଶ ଅମାନ୍ୟ କରିବାର ଶାସ୍ତି କଣ ଜାଣ ?

ଚନ୍ଦ୍ରସେଣ ॥ ମୃତ୍ୟୁ । ମୁଁ ପ୍ରସ୍ତୁତ ଅଛି ।

ବୃହଦ୍ଘ୍ନ ॥ ନା, ନା । ମରିଗଲେ ତରିଯିବ, ଆଉ ଶାସ୍ତି ଭୋଗ କିଏ କରିବ ? ତମେ ବଞ୍ଚି ରହିବ । ଆଉ ଜୀବନର ଅବଶିଷ୍ଟ କାଳ-ଟିକ ପ୍ରତି ମୁହୂର୍ତ୍ତରେ ମରଣ କାମନା କରୁଥିବ । (ନିଜ ଆସନରୁ ଓହ୍ଲାଇ ଆସିଲେ, ଚନ୍ଦ୍ରସେଣ ସ୍ଥିର ଅଚଞ୍ଚଳ) ବିଶ୍ୱାସ କର ଚନ୍ଦ୍ର, ନା ଇନ୍ଦ୍ରସେଣ, ଆଦେଶ ଅମାନ୍ୟ କରି-ବାର ଶାସ୍ତି ଅତି ଭୟଙ୍କର ହେବ ।

(ବୃହଦ୍ଘ୍ନ ଓ ଚନ୍ଦ୍ରସେଣ ପରସ୍ପର ସାମନାରେ, ବୃହଦ୍ଘ୍ନଙ୍କ ଅଭିବ୍ୟକ୍ତିରେ ଅମାନବିକ କ୍ରୂରତା, ଚନ୍ଦ୍ରସେଣଙ୍କ ଅଭିବ୍ୟକ୍ତି ତଥାପି ସ୍ଥିର, ଆଲୋକ କ୍ରମଶଃ ମଳିନ ହୋଇ ଆସିଲା, ତାରି ଭିତରେ ଶୁଣାଗଲା ଚନ୍ଦ୍ରସେଣର ମର୍ମଭେଦୀ ଚିତ୍କାର ଓ ବୃହଦ୍ଘ୍ନଙ୍କ ପୈଶାଚିକ ଅଟ୍ଟହାସ୍ୟ, ମଞ୍ଚ ସଂପୂର୍ଣ୍ଣ ଅନ୍ଧକାର ହେଲା—)

●

Digitized by srujanika@gmail.com

।। ଅଷ୍ଟମ ଦୃଶ୍ୟ ।।

(ଷଷ୍ଠ ଦୃଶ୍ୟର କକ୍ଷ, ଦର୍ପଣ ସମ୍ମୁଖରେ ପ୍ରସାଧନରତା ରାଧା, ପାଖରେ ଲଳିତା)

ରାଧା ।। ମୋତେ ଭୟ ଲାଗୁଚି ଲଳିତା—

ଲଳିତା ।। ତମେ ପରା କହୁଥିଲ, ହେଲେ ହେଉ ପଛେ ନିନ୍ଦା ଦୂଷଣ—

ରାଧା ।। ଲୋକନିନ୍ଦାକୁ ନୁହେଁ ଲଳିତା, ମୁଁ ଡରୁଚି, ମୋ ନିଜ ଭାଗ୍ୟକୁ । ଯଦି କେବେ କୃଷ୍ଣ-ବିଚ୍ଛେଦର କଷଣ ସହିବାକୁ ପଡ଼େ, ମୁଁ ପାରିବିତ ? କଥାରେ ଅଛି, ଅତି ବେଶୀ ଲିପି ବସିଲେ କାନ୍ଥ ଫାଟିଯାଏ, ଆସକ୍ତି ଅତି ଗାଢ଼ ହେଲେ ମନ ଭୁଟି ଯାଏ—

ଲଳିତା ।। ପ୍ରେମ ଖେଳରେ ତମର ମସ୍ତିଷ୍କ ବିକୃତ ଘଟିଲାଣି !

ରାଧା ।। ଆଜ କାହିଁକି କେଜାଣି ମନ ମୋର ଆଦୌ ସ୍ଥିର ରହୁ ନାହିଁ । ଡାହାଣ ଆଖିପତା କମ୍ପି ଉଠୁଚି । ଅଜଣା ଆଶଙ୍କାରେ ମନ ଆନ୍ଦୋଳିତ ହେଉଛି । ଦର୍ପଣରୁ ଉଭେଇ ଯାଉଚି ମୋ ନିଜର ପ୍ରତିବିମ୍ବ—

(ଦୂରରୁ ଭସି ଆସିଲା ବଂଶୀର ମଧୁର ସ୍ୱର)

ଲଳିତା ।। ଏଇ ବଂଶୀ ସ୍ୱରର ଝରଣାରେ ନିଜକୁ ଭସାଇ ଦିଅ ରାଧା, ଅନ୍ତରର ସବୁ ଜ୍ୱାଳା ଶୀତଳ ହୋଇଯିବ, ଦୃଷ୍ଟିର ସକଳ ବିଭ୍ରମ ଦୂରେଇ ଯିବ, ହୃଦୟର ସବୁ ସନ୍ତାପ ପୋଛି

Digitized by srujanika@gmail.com

ହୋଇଯିବ । ଏଇ ସୁର ଝରଣାର ନୀଳ-ଦର୍ପଣରେ ତମର ଆଉ ତମ ନାଗର ନୀଳମଣିଙ୍କ ଯୁଗଳ ମୂର୍ତ୍ତିର ଶୋଭା ଦୁଇଗୁଣ ଉଜ୍ଜଳତାର ସହ ଝଳ ଉଠିବ । (ବଂଶୀଧ୍ୱନି ମଧୁରତର ଓ ନିକଟତର ହେଲା) ରସର ସାଗର ନିଜେ ଉଦ୍‌ବେଳ ହୋଇ ଧାଇଁ ଆସୁଚନ୍ତି ରୂପର ନଦୀ ସହିତ ମିଳନ ଆକାଂକ୍ଷାରେ । ଏ ମହା ମିଳନର ନିଭୃତ ସ୍ଥାନ ଆଉ କ୍ଷଣରେ ମୋର ଉପସ୍ଥିତି ଅବାଞ୍ଛିତ ।

(ଲଳିତାଙ୍କ ପ୍ରସ୍ଥାନ, ପ୍ରସାଧନ ଶେଷ କରି ଉଠିଲେ ରାଧା, ତଲ୍ଲୀନା, ମୁଗ୍‌ଧା । ତାଙ୍କ କଣ୍ଠରେ ମଧୁରାଷ୍ଟକରୁ ପଦେ, ନିମ୍ନ ସ୍ୱରରେ)

ରାଧା ॥ (ଆବୃତ୍ତି) ବେଣୁ ର୍ମଧୁରୋ ରେଣୁର୍ମଧୁରୋ
ପାଣି ର୍ମଧୁରୌ ପଦୌ ମଧୁରୌ
ନୃତ୍ୟଂ ମଧୁରଂ ଗୀତଂ ମଧୁରଂ
ମଧୁରାଧିପତେରଖିଳଂ ମଧୁରଂ

(ଏହି ସମୟରେ ପ୍ରବେଶ କରିଛନ୍ତି ଚନ୍ଦ୍ରସେଣ, ରୁଗ୍‌ଣ, ଭଗ୍ନ ସ୍ୱାସ୍ଥ୍ୟ)

ଚନ୍ଦ୍ରସେଣ ॥ (ଆର୍ତ୍ତଭଗ୍ନ ସ୍ୱରରେ) ରାଧା !

ରାଧା ॥ (ଚମକି ପଡ଼ି) ତମେ !

(ବିସ୍ମୟାଧିକ୍ୟର ଅଘାତରେ ଚେତନାହତା ରାଧା ଭୂପତିତା ହେଲେ ଆକସ୍ମିକ ଭାବେ)

ଚନ୍ଦ୍ରସେଣ ॥ (ଅସ୍ଫୁଟ ଚିତ୍କାର)ରାଧା ! (ଆଗେଇ ଯାଇ ଭୂପତିତା ରାଧାଙ୍କ ନିକଟରେ ବସି ପଡ଼ିଲେ, କଣ୍ଠରେ ଚରମ କାରୁଣ୍ୟ) ଧିକ୍, ଶତଧିକ ତୋତେ ଚନ୍ଦ୍ରସେଣ,ମୂର୍ଚ୍ଛାହତା ପତ୍ନୀର ସାମାନ୍ୟ-ତମ ଶୁଶ୍ରୂଷା କରିବା ପାଇଁ ମଧ୍ୟ ତୋର କ୍ଷମତା ନାହିଁ ।

Digitized by srujanika@gmail.com

ତୁ ମରିଯାଅ ··ତୁ ମରିଯାଅ···

(ଏହି ସମୟରେ ପ୍ରବେଶ କଲେ କୃଷ୍ଣ, ହାତରେ ବଂଶୀ, ଭୂତଳଶାୟିନୀ ମୂର୍ଚ୍ଛିତା ରାଧା ଓ ତାଙ୍କ ପାଖରେ ଚନ୍ଦ୍ରସେଣଙ୍କୁ ଦେଖି ବିସ୍ମୟରେ—)

କୃଷ୍ଣ ॥ ମାମୁଁ ! କେତେବେଳେ ଆସିଲ ତମେ ? ମାଈଙ୍କର କଣ ହେଲା ! (ରାଧାଙ୍କ ପାଖରେ ବସି ନିରୀକ୍ଷଣ କରି) ମୂର୍ଚ୍ଛା···
ମାମୁଁ, ଟିକେ ପାଣି···

ଚନ୍ଦ୍ରସେଣ ॥ (ଅବଶ ସ୍ୱରରେ) ଯାହା ଯାଉଛି, କୋଉଠି ଫେରି ପାଇବି, କୃଷ୍ଣ !

କୃଷ୍ଣ ॥ ଓଃ ! (ରାଧାଙ୍କୁ ତଳୁ ଟେକି ଭିତରକୁ ନେଇଗଲେ, ଚନ୍ଦ୍ରସେଣ ନିର୍ବାକ ଦୃଷ୍ଟିରେ ରହିଥାନ୍ତି)

ଚନ୍ଦ୍ରସେଣ ॥ (ସ୍ୱଗତ) ଗୁରୁଜନ, ବ୍ରାହ୍ମଣ, ଦେବତା ଓ ଅଗ୍ନିଙ୍କୁ ସାକ୍ଷୀରଖି ଯାହାର ହାତ ଧରିଥିଲି, ସେଇ ରାଧା ଶେଷ ପର୍ଯ୍ୟନ୍ତ ମୋ ପାଇଁ ଅଧରା ହୋଇ ରହିଗଲା । ଭର୍ତ୍ତା ଭାବରେ ଭରଣ ପୋଷଣ ତ ଦୂରର କଥା, ମୋ ବାହୁରେ ଶକ୍ତି ନାହିଁ ତା ଆଖିର ଲୁହ ଟିକେ ପୋଛି ଦେବାକୁ, ବିପଦ ଆପଦରୁ ଆଗୁଳି ରଖିବାକୁ । କ୍ଷମତା ନାହିଁ [illegible] ତା' ନାରୀତ୍ୱର ପୂର୍ଣ୍ଣତା ପାଇଁ ତାର ରକ୍ତ ମାଂସର ନିର୍ଯ୍ୟାସରେ ଗଢ଼ା ଫୁଲଟିଏ ତା' ହାତରେ ତୋଳି ଦେବାକୁ । ଭାଗ୍ୟଚକ୍ରର ନିର୍ମମ ଆଘାତରେ ମୁଁ ଏକ ମୃତ ଉଦ୍‌ଭିଦ, କେବଳ ମାତ୍ର ଅପେକ୍ଷା କରି ରହିଛି ଶେଷ ଝଞ୍ଜାର ଚରମ ଆଘାତରେ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇ ଯିବା ପାଇଁ । କେବେ ଆସିବ ସେ ସୁଦିନ, କେବେ ପାଇବି ମୁକ୍ତି ? (ପ୍ରବେଶ କଲେ କୃଷ୍ଣ, ତାଙ୍କ ଦେହର ଏକାଧିକ ସ୍ଥାନରେ ନଖକ୍ଷତ, ଉତ୍କଣ୍ଠାରେ

Digitized by srujanika@gmail.com

ରାଧାଙ୍କ କର୍ଣ୍ଣ ଭୂଷାରୁ ପଟେ, ମୁକୁଟରୁ ମୟୂରପୁଚ୍ଛ ସ୍ଥାନଚ୍ୟୁତ, କପୋଳର କୁଙ୍କୁମବନ୍ଦ ପ୍ରଲେପ) କଣ ହେଲ କୃଷ୍ଣ ? କେମିତି ଅଛି ରାଧା ?

କୃଷ୍ଣ ॥ ମାଈଁଙ୍କର ଚେତା ଫେରିଲାଣି । କିନ୍ତୁ...

ଚନ୍ଦ୍ରସେଣ ॥ (ଉଦ୍‌ଗ୍ରୀବ ସ୍ୱରରେ) କିନ୍ତୁ ?

କୃଷ୍ଣ ॥ କେମିତି ଏକ ଆଚ୍ଛନ୍ନ ଭାବ ! ଆଖିପତା ଦୁଇ ଖୋଲିନାହିଁ । ନିଶ୍ୱାସ ପ୍ରଶ୍ୱାସର ଗତି ଖର । ଦେହ ଝାଳରେ ସୁଡୁବୁଡୁ । ହାତ ମୁଠା ଟାଣ ହୋଇଛି । ତଳ ଓଠ ଚିପି ଯାଇଛି ଦାନ୍ତ ତଳେ—

ଚନ୍ଦ୍ରସେଣ ॥ (ଆଚ୍ଛନ୍ନ ସ୍ୱରରେ) ରାଧା !

କୃଷ୍ଣ ॥ ମାଈଁ ଖୁବ୍ ଡରି ଯାଇଚନ୍ତି । ଏଇ ଦେଖ, ମୋତେ କେମିତି ଭିଡ଼ି ଧରିଥିଲେ, ଦେହ ହାତ ନଖ ବାଜି ଆମ୍ପୁଡ଼ି ଯାଇଛି । ମୟୂରଚନ୍ଦ୍ରିକାଟା ଖସି ପଡ଼ିଛି କୋଉଠି, ଏଇଟି ମାଈଁଙ୍କର କର୍ଣ୍ଣଭୂଷାରୁ ପଟେ—

ଚନ୍ଦ୍ରସେଣ ॥ ରାଧା ! ରାଧା !

କୃଷ୍ଣ ॥ ମୁଁ ଯାଏ, ବାବା ମା'ଙ୍କୁ ତମ ଆସିବା ଖବର ଦିଏ, ଓଝା କ ବଇଦଙ୍କୁ ଡାକି ଆଣେ... (ଦ୍ରୁତ ପ୍ରସ୍ଥାନ କଲେ)

ଚନ୍ଦ୍ରସେଣ ॥ (ମଗ୍ନ ସ୍ୱରରେ) ନୀଳପଦ୍ମ ଆଖିର ବନ୍ଦ ପତା ଉପରେ ଝଟକି ଉଠୁଥିବ ସ୍ୱେଦର ଶ୍ୱେତ ମାଣିକ୍ୟ । ଫୁଲି ଫୁଲି ଉଠୁଥିବ ତିଳପୁଷ୍ପ ନାସା । ନାସାଗ୍ରରେ ଝଳି ଉଠୁଥିବ ହୀରାର ଫୁଲ । ଥରଥର କମ୍ପୁଥିବ ପ୍ରବାଳ ଅଧର । ଥରି ଉଠୁଥିବେ ବକ୍ଷର ଯୁଗ୍ମ କପୋତ । ଉତ୍‌କଣ୍ଠାରେ ଆତୁର ବାହୁ ଭିଡ଼ି ଧରିବାକୁ ଖୋଜୁଥିବ ଏକ ସକ୍ଷମ ସଦମ୍ଭ ଆଶ୍ରୟ । (ଦୁଇ ଭାଙ୍ଗି ପଡ଼ିଲେ) ନା, ବସନ୍ତ ଆଜି ଠାରୁ ମୋ ପାଇଁ ନିଷ୍ଠୁରତମ ଋତୁ, ମଳୟର ଅନ୍ୟ ନାମ ହୁତାଶନ ।

(ଅବରୁଦ୍ଧ ଆବେଗ ପ୍ରକାଶ ପାଇ ତାଙ୍କୁ ଆନ୍ଦୋଳିତ କରୁଥାଏ ପ୍ରବଳ ଭାବରେ-ମଞ୍ଚ କ୍ରମଶଃ ଅନ୍ଧକାର ହେଲା) ●

Digitized by srujanika@gmail.com

॥ ନବମ ଦୃଶ୍ୟ ॥

(ପୂର୍ବ ଦୃଶ୍ୟର ସେହି କକ୍ଷ, ଅପରାହ୍ଣର ମ୍ଳାନ ଆଲୋକରେ ରାଧା ଓ ଲଳିତା, ରାଧା କେମିତି ବିଷଣ୍ଣ, ବିବର୍ଣ୍ଣ, ସାନ୍ତ୍ୱନା ଦେବାର ଚେଷ୍ଟା କରୁଥାନ୍ତି ଲଳିତା)

ଲଳିତା ॥ ଚନ୍ଦ୍ରସେଣଙ୍କ ଭଳି ନଗଣ୍ୟ ମଣିଷଟିର ଭାଗ୍ୟକୁ ନେଇ ନିୟତି ଯେ ଏମିତି ନିଷ୍ଠୁର ଖେଳ ଖେଳିବ, କିଏ ଜାଣିଥିଲା, ରାଧା ? କିନ୍ତୁ ତମେ ଅଧୀର ହୋଇ ଭାଙ୍ଗି ପଡ଼ିଲେ ତ ଚଳିବ ନାହିଁ । ତାଙ୍କ ଜୀବନର ଏଇ ଚରମ ଦୁର୍ଦ୍ଦିନରେ ଜନନୀର ସ୍ନେହ, ଭଗିନୀର ସେବା ଆଉ ଜାୟାର ସାନ୍ନିଧ୍ୟ ଦେଇ ତାଙ୍କୁ ପୁଣି ଥରେ ସୁସ୍ଥ ସକ୍ଷମ କରି ତୋଳିବାର ଦାୟିତ୍ୱ ତମର—

ରାଧା ॥ (ଅନ୍ୟମନସ୍କ ଭାବରେ) ମୁଁ କିନ୍ତୁ ଏମିତି ଏକ ସ୍ତ୍ରୀ, ଯେ ତାର ସ୍ୱାମୀକୁ ସଠିକ୍ ଭାବେ ଚିହ୍ନିବାର ସମୟ ବା ସୁଯୋଗ ପାଇ-ନାହିଁ । ବିବାହର ଚତୁର୍ଥ ଦିବସରେ ସେ ଯେତେବେଳେ କର୍ତ୍ତବ୍ୟର ଆହ୍ୱାନରେ ମଥୁରା ଯାତ୍ରା କଲେ, ବିମୂଢ଼ କୁମାରୀ ମନ ମୋର ବିସ୍ମୟରେ ପୂରି ଉଠିଥିଲା ସେ ପ୍ରଚଣ୍ଡ ପୌରୁଷର ପ୍ରଖର ଦୀପ୍ତି ଦେଖି । ଆଉ—

ଲଳିତା ॥ ଆଉ ଆଜି ?

ରାଧା ॥ ଆଜି ଯେମିତି ସେ ମୋର ଛାୟାଠାରୁ ବି ଦୂରେଇ ଯିବାକୁ

Digitized by srujanika@gmail.com

ଶୁହାନ୍ତି । ବେଳେବେଳେ କେଉଁ ଅବ୍ୟକ୍ତ ବେଦନାରେ ଆଛନ୍ନ, ପାଂଶୁଳ ହୋଇ ଉଠୁଛି ତାଙ୍କର ମୁହଁ, ଯନ୍ତ୍ରଣାରେ ମର୍ମାହତ ହୋଇ ଉଠୁଛି ଶରୀର । ଆଉ କେତେବେଳେ ଅପ୍ରତିରୋଧ କ୍ରୋଧରେ ଆଖି ଲାଲ ହୋଇ ଉଠୁଛି. କପାଳରେ ବଙ୍କରେଖା ଗଭୀର ହୋଇ ଉଠୁଛନ୍ତି, ନାସାରନ୍ଧ୍ର ସ୍ଫୀତ ହୋଇ ଉଠୁଛି । ଆଉ ବା କେବେ ଅନମନୀୟ ସଂକଳ୍ପ-ବଦ୍ଧତାରେ ଫୁଲି ଉଠୁଛନ୍ତି ଶରୀରର ମାଂସପେଶୀ ସମୂହ ! ମୁଁ କିଛି ବୁଝିପାରୁନାହିଁ ଲଳିତା—

ଲଳିତା ॥ ଜୀବନର ଯାତ୍ରାପଥ ସମସ୍ତଙ୍କ ପାଇଁ ସବୁବେଳେ ସହଜ, ସୁଗମ ହୋଇ ନଥାଏ ରାଧା, ବିଶ୍ୱାସ ରଖ, ସବୁ ପୁଣି ଠିକ୍ ହୋଇଯିବ । ତମର ସ୍ନେହମୟ ସାହଚର୍ଯ୍ୟ ଚନ୍ଦ୍ରସେଣଙ୍କୁ ପୁଣି ସୁସ୍ଥ କରି ତୋଳିବ । ତମର ସୁନା ସଂସାର ପୁଣି ହସି ଉଠିବ—

ରାଧା ॥ (ସଂକ୍ଷିପ୍ତ ନୀରବତା ପରେ) ମାତୁଳ ପତ୍ନୀ ଭାବରେ ମୋର ଅନେକ ଦାୟିତ୍ୱ ରହିଛି । ଆଉ ସେ ଦାୟିତ୍ୱ ପାଳନରେ କୁଣ୍ଠା ପ୍ରକାଶ କଲେ ବା ବିନ୍ଦୁମାତ୍ର ତ୍ରୁଟି ଦେଖାଦେଲେ ସମାଜ ମୋତେ କ୍ଷମା କରିବ ନାହିଁ । କିନ୍ତୁ କହ ଲଳିତା, ଏମିତି କେଉଁ ଯୁକ୍ତି ବା ନିୟମ ଅଛି, ଯାହା ବଳରେ ମଦନ-ଦେବତାଙ୍କ ଫୁଲଶରକୁ ବ୍ୟର୍ଥ କରି ହେବ, ତାଙ୍କ ମକର-କେତନ ରଥର ପଥରୋଧ କରିହେବ ?

ଲଳିତା ॥ ମୁଁ ତ କେବେ କାହାକୁ ପ୍ରେମ କରିନାହିଁ ସଖୀ, ଏ ପ୍ରଶ୍ନର କି ଉତ୍ତର ଦେବି ?

ରାଧା ॥ ତୁ ପ୍ରେମକୁ ପ୍ରେମ କରୁ ଲଳିତା, ପ୍ରେମର ଏ ଅନ୍ତଃବେଦନା ଏକା ତୁ ହିଁ ବୁଝିପାରିବୁ—

Digitized by srujanika@gmail.com

ଲଳିତା ॥ (ସଂକ୍ଷିପ୍ତ ନୀରବତା ପରେ) ମୁଁ କେବଳ ଏତିକି ବୁଝିପାରୁଛି, ଗୋପନାଗରୀ ସଭିଏଁ ନୀର ଆଣି ଯମୁନାକୁ ଯିବେ, ସଭିଏଁ ଦୁଧ ଦହି ଘିଅ ଲହୁଣୀର ପସରା ନେଇ ହାଟକୁ ଯିବେ, ସଭିଏଁ ବଂଶୀସ୍ୱନ ଶୁଣି ଉତଲା ହେବେ, କିନ୍ତୁ କୁଳଟା ଅପବାଦ ଏକା ରାଧାର ଲଲାଟ-ଭୂଷଣ ହୋଇ ରହିବ ।

ରାଧା ॥ ଅପବାଦ ଅପଯଶ କଥା ମୁଁ ଆଦୌ ଭାବୁନି ସଖୀ, କେବଳ ଯଦି ଚନ୍ଦ୍ରସେନ ଅସୁସ୍ଥ ହୋଇ ନଥାନ୍ତେ—

ଲଳିତା ॥ କଣ ଦୟା, ନା ଦାୟିତ୍ୱବୋଧ ?

ରାଧା ॥ ମନୁଷ୍ୟୋଚିତ ଦ୍ୱନ୍ଦ୍ୱ ।

ଲଳିତା ॥ ନିଖିଳ ପ୍ରେମର ଇତିହାସରେ କୌଣସି ପ୍ରେମିକାର ଜୀବନରେ ଏମିତି ସଂକଟମୟ ଦ୍ୱନ୍ଦ୍ୱର ଉଦାହରଣ ନଥିବ ରାଧା, ତମେ ସତରେ ଅନନ୍ୟା—

Digitized by srujanika@gmail.com

।। ଦଶମ ଦୃଶ୍ୟ ।।

(ପ୍ରଥମ ଦୃଶ୍ୟର ବ୍ୟାୟାମଶାଳା-ପୂର୍ବର ସେ ପରିଚ୍ଛନ୍ନତା ନାହିଁ, ଅବ୍ୟବହାର ଫଳରେ ପରିତ୍ୟକ୍ତ ଦିଶୁଥାଏ, ତାରି ଭିତରେ ହତାଶା ଓ ଦୁଃଖର ପ୍ରତିମୂର୍ତ୍ତି ଚନ୍ଦ୍ରସେନ ଏକାକୀ ବସିଥାନ୍ତି, ହାତରେ ପାନ ପାତ୍ର—କ୍ଳାନ୍ତ ଉଦାସ ଦୃଷ୍ଟି, ପ୍ରବେଶ କଲେ ମଧୁ ଓ ମଙ୍ଗଳ—)

ମଙ୍ଗଳ ।। (ବ୍ୟଥିତ ସ୍ୱରରେ) ତୁ ଏ' କଣ କରୁଛୁ ଚନ୍ଦ୍ର ?

ମଧୁ ।। (ବିଦ୍ରୂପ କରି) ମଥୁରା ରାଜସଭାର ପଦସ୍ଥ କର୍ମଚାରୀ ନିଳମ୍ବନର ଦୀର୍ଘ ଅବସର ବିନୋଦନ ନିମନ୍ତେ ସମୁଚିତ ପଥ ବାଛି ନେଇଛନ୍ତି, ସହଜ ସରଳ ଜଳପଥ—ଛି ଛି, ଦିନେ କେବେ ତୋର ସମୃଦ୍ଧି ସୌଭାଗ୍ୟ ପାଇଁ ତୋତେ ଈର୍ଷା କରୁଥିଲି, ଆଜି କିନ୍ତୁ ଦୟା ଦେଖାଇବାକୁ ମନ କହୁନି ।

ମଙ୍ଗଳ ।। ମଧୁ, ବିପଦ ବେଳେ କଣ ବନ୍ଧୁ ପ୍ରତି ବନ୍ଧୁର ବ୍ୟବହାର ଏମିତି ହେବା ଉଚିତ ?

ମଧୁ ।। ବନ୍ଧୁ ? କିଏ କାହାର ବନ୍ଧୁ ? ଆମେ କଣ ତାଙ୍କ ଭଳି ବନ୍ଧୁର ଅନୁରୋଧ ପ୍ରତ୍ୟାଖ୍ୟାନର କୌଶଳ ଜାଣୁ ନା ମଦ୍ୟପାନ କରି ଶିଖିଛୁ ଯେ ତାଙ୍କ ବନ୍ଧୁପଣକୁ ଭଜନ

Digitized by srujanika@gmail.com

ହୋଇ ପାରିବୁ ?

ମଙ୍ଗଳ ।। ସେ ଦିନ ମଥୁରା ରାଜସଭାରେ କାର୍ଯ୍ୟଟିଏ ପାଇବାର ସୁଯୋଗ କରାଇ ଦେଇ ନଥିଲୁ ବୋଲି ମଧୁ ଏମିତି କହୁଛି ଚନ୍ଦ୍ର, ତା କଥା ଶୁଣ ନାହିଁ—

ଚନ୍ଦ୍ରସେଣ ।। (ଅସ୍ପଷ୍ଟ ସ୍ୱରରେ) କିଛି ଦେଖିବା, ଶୁଣିବା ବା ବୁଝିବାର ଆବଶ୍ୟକତା ନାହିଁ ମୋର, କେବଳ କେହି ହେଲେ ଜଣେ ମୋତେ କହିଦିଅ, ଶେଷ କେଉଁଠି ଏ ଅଲୋଡ଼ା ଜୀବନର···

ମଙ୍ଗଳ ।। ଛି ଚନ୍ଦ୍ର, ତୁ ପରା ସବୁବେଳେ କହୁ ମନୁଷ୍ୟ ଜୀବନଠାରୁ ମହାର୍ଘତର କିଛି ନାହିଁ ଏ ସଂସାରରେ, ଆଜି ତୁ ସେଇ ଜୀବନକୁ ଅଲୋଡ଼ା ଆଖ୍ୟା ଦେଉଛୁ ? ହାତ ଦୁଇଟା ନଷ୍ଟ ହୋଇ ଯାଇଛି ବୋଲି କଣ ତୋର ଶିକ୍ଷା, ଦୀକ୍ଷା, ବୁଦ୍ଧି, ବିବେକ ସବୁ ନଷ୍ଟ ହୋଇ ଯାଇଛି ! ପୌରୁଷର ଏକମାତ୍ର ଲକ୍ଷଣ କଣ କେବଳ ଗୋଟାଏ ସୁସ୍ଥ ସକ୍ଷମ ଶରୀର ? ନା ଚନ୍ଦ୍ର, ନା, ପୌରୁଷ ଗୋଟାଏ ଦୃଷ୍ଟିଭଙ୍ଗୀ, ଗୋଟାଏ ଜୀବନାଦର୍ଶ । ସେଇ ପୌରୁଷର ସ୍ପର୍ଦ୍ଧା ନେଇ ଉଠିଲେ ତୁ ପରିସ୍ଥିତିରୁ ନିଜକୁ ଖୁବ ସହଜରେ ଉଦ୍ଧାର କରି ପାରିବୁ । ବିଶ୍ୱାସ କର, ଏବେବି ସମୟ ଅଛି—

ଚନ୍ଦ୍ରସେଣ ।। (ଆର୍ତ୍ତ ଚିତ୍କାର କରି ଉଠିଲେ) ନା, ମୋ ପାଇଁ ସମୟ ନିଶ୍ଛିଦ୍ର ଏକ କାରାକକ୍ଷ, ଯନ୍ତ୍ରଣାର ଏକ ଅସରନ୍ତି ଉତ୍ସ··· ସମୟ ମୋ ପାଇଁ ଆଉ ମୁଁ ସମୟ ପାଇଁ ମୃତ···

ମଧୁ ।। ମଦ୍ୟପର ପ୍ରଳାପ···

ମଙ୍ଗଳ ।। ମଧୁ !

ମଧୁ ।। ଘୋଡ଼ାକୁ ପୁରାଣ ଶାସ୍ତ୍ର ଶୁଣାଇ ଲାଭ ନାହିଁ ମଙ୍ଗଳ, ଖସିଗଲା ଗୋଡ଼ ଚାଲିକୁ ଚାଲିକୁ ଖସିବ···ଆଶ୍ଚର୍ଯ୍ୟ ହେବାର କଣ ଅଛି ?

Digitized by srujanika@gmail.com

ମଙ୍ଗଳ ॥ ମଧୁ କଥା ଶୁଣ ନାହିଁ ଚନ୍ଦ୍ର, ମୋ ସାନ ଭୂଆ ମାନ, ଏ କୁଅଭ୍ୟାସ ବର୍ଜନ କର । ମନେରଖ, ତୁ ବିବାହିତ, ତୋ' ଉପରେ ରାଧାର ଭବିଷ୍ୟତ ନିର୍ଭର କରୁଛି—

ମଧୁ ॥ ହାଃ, ଏଇ ଅକର୍ମା ପାଳଭୂତଟା ଉପରେ କଏ କାହାଁକ ନିର୍ଭର କରିବ ? ଗୋପର ଆବାଳବୃଦ୍ଧବନିତାଙ୍କ କଣ୍ଠରେ ଧ୍ୱନିତ ସେଇ ଗୀତ ତୁ କଣ ଶୁଣିନାହୁଁ ? (ଆବୃତ୍ତି)

ରାଧା ମୁଖ ପଦ୍ମେ କୃଷ୍ଣ ଭ୍ରମର
ଇଚ୍ଛା ସୁଖେ ମଧୁ ଆସ୍ୱାଦିବାର
ଗୋପି ଉରଜେ କଳା ଉର ଲାଗି···

ମଙ୍ଗଳ ॥ (ବାଧାଦେଇ) ଭଦ୍ରତାର ସୀମା ଲଂଘନ କରନାହିଁ ମଧୁ—

ମଧୁ ॥ ପଦକରେ ତ ଏତେ ରାଗିଯାଉଛୁ, ପୂରା ଶୁଣିଲେ—
(ହସି ହସି ପ୍ରସ୍ଥାନ)

ମଙ୍ଗଳ ॥ ମଧୁର ଅସଭ୍ୟତା ପାଇଁ ମୁଁ କ୍ଷମା ମାଗୁଛି ଚନ୍ଦ୍ର । ତୋତେ ବିରକ୍ତ କରିବା ଉଚିତ ହେଇନାହିଁ, ମୁଁ ଦୁଃଖିତ । ମୁଁ ଆସୁଚି ଭାଇ, ଯଦି କେତେବେଳେ ଆବଶ୍ୟକ ବୋଧ କରୁ, ଖବର ପଠାଇବୁ, ମୁଁ ନିଶ୍ଚୟ ଆସିବି ·· (ପ୍ରସ୍ଥାନ)

ଚନ୍ଦ୍ରସେଣ ॥ ଯାଅ, ସମସ୍ତେ ଚାଲିଯାଅ, କାହାର ପାଖରେ ମୋର କୌଣସି ପ୍ରୟୋଜନ ନାହିଁ, କାହାରଠାରୁ କିଛି ପ୍ରତ୍ୟାଶା ନାହିଁ···

(ପ୍ରବେଶ କଲେ ରାଜା ନନ୍ଦ, ବ୍ୟାୟାମଶାଳାର ଚତୁର୍ଦ୍ଦିଗ ନିରୀକ୍ଷଣ କରି ଓ ଚନ୍ଦ୍ରସେଣର ଅବସ୍ଥା ଦେଖି ବ୍ୟଥା ଓ କ୍ରୋଧର ସହ—)

ନନ୍ଦ ॥ ମଧୁ ତା ହେଲେ ମିଛ କହିନାହିଁ—

ଚନ୍ଦ୍ରସେଣ ॥ ମଧୁର ସବୁ କଥା କଣ ସତ ନନ୍ଦଭାଇ ?

Digitized by srujanika@gmail.com

ନନ୍ଦ ॥ ମାନେ ?

ଚନ୍ଦ୍ରସେଣ ॥ ରାଧା ଆଉ କୃଷ୍ଣ...

ନନ୍ଦ ॥ (ସଂକ୍ଷିପ୍ତ ନୀରବତା ପରେ) ଚନ୍ଦ୍ର, ରାଣୀ ଯଶୋଦାଙ୍କର ଆଦରର ସାନଭାଇ ତୁ, କୃଷ୍ଣ ଆସିବାର ବହୁ ପୂର୍ବରୁ ତୁ ହିଁ ଆମ ସନ୍ତାନହୀନତାର ଏକମାତ୍ର ସାନ୍ତ୍ୱନା ଥିଲୁ । ଆଜି ତୋ' ପାଖରେ ମିଛ କହି ମୁଁ ନିଜକୁ ତୋ' ଆଖିରେ ଛୋଟ କରି ଦେବାକୁ ଚାହୁଁନାହିଁ । ହଁ, ସେ ଅପୂର୍ବ ଦୃଶ୍ୟ ମୁଁ ଦେଖିଛି । ସୁନା ପର୍ବତକୁ ଘେରି ସେ ଘନକୃଷ୍ଣ ମେଘର ଶୋଭା ବର୍ଣ୍ଣନା କରିବା ପାଇଁ ଶବ୍ଦ ଖୋଜୁଥିଲି ନାହିଁ କେଉଁ କବିର ଉପମା ଭଣ୍ଡାରରେ । ସେ ଦୃଶ୍ୟ ଦେଖି ମୁଁ ମୁଗ୍ଧ ହୋଇଛି । କିନ୍ତୁ ବିଶ୍ୱାସ କର କୌଣସି ପ୍ରକାର ଆବିଳତାର ଛାୟା ସେ ସଂପର୍କକୁ ସ୍ପର୍ଶ କରିନାହିଁ, ଜୈବ କଳୁଷର ସଂସର୍ଗଠାରୁ ବହୁ ଊର୍ଦ୍ଧ୍ୱରେ ତାଙ୍କର ସେ ସମ୍ବନ୍ଧ । ଅବଶ୍ୟ ଏ ବିଷୟରେ ଯଦି ତୋର କାହାରି ପ୍ରତି କୌଣସି ଆକ୍ଷେପ ବା କାହା ବିରୁଦ୍ଧରେ କିଛି ଅଭିଯୋଗ ଥାଏ,କଥା ଦେଉଛି, ତାର ସୁବିଚାର ଅବଶ୍ୟ ପାଇବୁ—

ଚନ୍ଦ୍ରସେଣ ॥ (କ୍ଲାନ୍ତ ସ୍ୱରରେ) ନା ନନ୍ଦଭାଇ, କାହାରି ପ୍ରତି କୌଣସି ଆକ୍ଷେପ ବା କାହା ବିରୁଦ୍ଧରେ କୌଣସି ଅଭିଯୋଗ ମୋର ନାହିଁ । ମୁଁ ବେଶ୍ ଅଛି । ତରଳ ବିଭ୍ରାନ୍ତିର ଏଇ ହଳାହଳ ପାନ କରୁ କରୁ ମୁଁ ଅପେକ୍ଷା କରିଛି ସେଇ ସୁଦିନକୁ ଯେଉଁ ଦିନ ମୋର ଏ ସଂତପ୍ତ ବିକ୍ଷୁବ୍ଧ ଆତ୍ମା ତାର ସ୍ରଷ୍ଟା ପରମାତ୍ମା ନାମକ ସେଇ ସର୍ବ ଶକ୍ତିମାନ ସତ୍ତାକୁ ଭେଟିବ ଆଉ ପଚାରିବ, ପ୍ରଭୁ ଏମିତି ହେଲା କାହିଁକି ? ସରଳ ନୀରିହ ଚନ୍ଦ୍ରସେଣକୁ ବ୍ୟର୍ଥତା ଆଉ ହତାଶାର ଅର୍ଦ୍ଧଜୀବନ୍ତ

Digitized by srujanika@gmail.com

ମୂର୍ତ୍ତିରେ ପରିଣତ କରି, ସମସ୍ତଙ୍କ ଉପହାସର ପାତ୍ର ଚନ୍ଦ୍ରସେଣା ସଜେଇ ତାଙ୍କର ବା ତାଙ୍କ ସୃଷ୍ଟିର କେଉଁ ମହତ ଉଦ୍ଦେଶ୍ୟ ସାଧିତ ହେଲା !

(ବ୍ୟଥାରେ ଭାଙ୍ଗିପଡ଼ିଲେ ଚନ୍ଦ୍ରସେଣ, ନନ୍ଦଙ୍କ ଆଖିରେ ମଧ୍ୟ ତରଳ କାରୁଣ୍ୟ, ନନ୍ଦ ଆଗେଇ ଆସି ଚନ୍ଦ୍ରସେଣଙ୍କ କାନ୍ଧ ଉପରେ ସାନ୍ତ୍ୱନାର ଭଙ୍ଗୀରେ ହାତଟିଏ ରଖିଲେ—)

●

Digitized by srujanika@gmail.com

।। ଏକାଦଶ ଦୃଶ୍ୟ ।।

(ଗୋପ ରାଜପ୍ରାସାଦର ଏକ କକ୍ଷରେ ଚନ୍ଦ୍ର, ମଧୁ, ମଙ୍ଗଳ, ଯଶୋଦା ଏବଂ ଅକ୍ରୂର—ଅକ୍ରୂରଙ୍କ ହସ୍ତରେ କଂସର ଆଜ୍ଞାପତ୍ର,
ସମୟ—ରାତ୍ରି)

ନନ୍ଦ ।। (ଦୃପ୍ତ ଭଙ୍ଗୀରେ) ନା, ଏହା ଧନୁର୍ଯଜ୍ଞ ନୁହେଁ । ରାମ-କୃଷ୍ଣଙ୍କୁ ମାରିବା ପାଇଁ କଂସର ଏ ହୀନ ଚକ୍ରାନ୍ତ ।

ଅକ୍ରୂର ।। ମୁଁ ଅସ୍ୱୀକାର କରୁନାହିଁ, ରାଜା ନନ୍ଦ ।

ନନ୍ଦ ।। ତା ହେଲେ ଏଭଳି ନାରକୀୟ ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ ନେଇ ବୃଷ୍ଣି ଶ୍ରେଷ୍ଠ ଅକ୍ରୂର ଆସିଲେ କେମିତି ?

ଅକ୍ରୂର ।। ମୁଁ ଆସିଛି ରାମ ଓ କୃଷ୍ଣଙ୍କୁ ସମସ୍ତ ଯାଦବ ଶକ୍ତିର ପ୍ରତୀକ ଭାବେ ମଥୁରା ନଗରୀକୁ ସ୍ୱାଗତ କରିନେବା ପାଇଁ । ଦେବତା-ମାନଙ୍କର ଭବିଷ୍ୟତ ବାଣୀକୁ ସଫଳ ରୂପ ଦେବା ପାଇଁ ଆମର ଏ ଉଦ୍ୟମ ।

ମଙ୍ଗଳ ।। ତାହେଲେ ଖୋଲା ଖୋଲ ଭାବରେ କଂସ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରାଯାଉ । ପରୀକ୍ଷା ହୋଇଯାଉ-- ସମ୍ମିଳିତ ଜନଶକ୍ତି ନା ଜଣେ ଅତ୍ୟାଚାରୀ ଶାସକ, କାହାର ଶକ୍ତି ବେଶି ।

ଅକ୍ରୂର ।। ଭୁଲିଯାଅ ନାହିଁ ଯୁବକ, କଂସ ମହାପରାକ୍ରମୀ । ମଗଧ ସମ୍ରାଟ

Digitized by srujanika@gmail.com

ଜରାସନ୍ଧ ମଧ୍ୟ ଜାମାତାର ପକ୍ଷ ସମର୍ଥନ କରିବେ । ସେମାନଙ୍କ କୂଟଚକ୍ରର ସମ୍ମୁଖୀନ ହେବା ପାଇଁ ବାହୁବଳ ଭଳି ବୁଦ୍ଧି କୌଶଳ ମଧ୍ୟ ପ୍ରୟୋଜନ ।

ମଧୁ ॥ ପ୍ରଥମରୁ ହିଁ ଆମେ ଦୃଢ଼ ପ୍ରତିରୋଧ ନ କରିବା ଫଳରେ ଆମର ଏ ଦୁର୍ଦ୍ଦଶା ।

ନନ୍ଦ ॥ ସ୍ୱାଧୀନତାର ମୂଲ୍ୟ ଚିରନ୍ତନ ସତର୍କତା, ଯାଦବମାନେ ବିଳାସବ୍ୟସନରେ ମାତି ଏଇ ସରଳ ସତ୍ୟଟି ଭୁଲି ଯାଇଥିଲେ—

ଯଶୋଦା ॥ ସେଇଥିପାଇଁ ଆଜି ଦୁଇଟି ନିଷ୍ପାପ କିଶୋରଙ୍କ ଜୀବନ ବିପନ୍ନ ହେବାକୁ ଯାଉଛି ।

ଅକ୍ରୂର ॥ ନା ରାଣୀ ଯଶୋଦା ନା, ସେ ଆଶଙ୍କା ମନରୁ ପୋଛି ଦିଅନ୍ତୁ । ମଥୁରାରେ ଜଣେ ହେଲେ ଶୂର, ବୃଷ୍ଣି ବା ଅନ୍ଧକର ଶରୀରରେ ବିନ୍ଦୁମାତ୍ର ରକ୍ତ ଅବଶିଷ୍ଟ ଥିବାଯାଏ ରାମ-କୃଷ୍ଣଙ୍କର ସାମାନ୍ୟତମ କ୍ଷତି କରିବା କଂସ ବା ତାର ଅନୁଚରମାନଙ୍କର ସାଧ୍ୟାତୀତ ।

ମଙ୍ଗଳ ॥ ଏଇ ସିଦ୍ଧାନ୍ତଟି ଯଦି ଆଉ କିଛି ବର୍ଷ ପୂର୍ବରୁ ନିଆଯାଇ ପାରିଥାନ୍ତା—

ଯଶୋଦା ॥ (ବାକ୍ୟ ପୂରଣ କରି) ଭଉଣୀ ଦେବକୀର ସାତଟି ପୁଅ, ଆଉ ମୋ ଝିଅଟି ବଞ୍ଚି ରହିଥାନ୍ତେ । (ସ୍ୱରରେ କାରୁଣ୍ୟ ସ୍ପଷ୍ଟ)

ନନ୍ଦ ॥ ଅତୀତ ପାଇଁ ବିଳାପ କରିବା ଅର୍ଥହୀନ ଯଶୋଦା ।

ମଧୁ ॥ ବର୍ତ୍ତମାନ ଯଦି ଅସ୍ଥିର ହୁଏ ଆଉ ଭବିଷ୍ୟତ ଅନିଶ୍ଚିତ, ଅତୀତର ରୋମନ୍ଥନ ନକରି ଅନ୍ୟ ଉପାୟ ବା କଣ ?

ନନ୍ଦ ॥ ନା, ମଧୁ; ନେତିବାଚକ ଦୃଷ୍ଟିଭଙ୍ଗୀକୁ ସମ୍ବଳ କରି ରାଷ୍ଟ୍ର-ଗଠନର ଚିନ୍ତା କରାଯାଏ ନାହିଁ । ଆମକୁ ଆଶାବାଦୀ

Digitized by srujanika@gmail.com

ଦେବାକୁ ପଡ଼ିବ ।

ଅକ୍ରୂର ॥ ଆଉ ସେଇ ଆଶାର ଉଜ୍ଜ୍ୱଳ ଦୀପଶିଖା ଭଳି ସଂଗ୍ରାମର ସନ୍ଧକାରେ ମୁଁ ତାଙ୍କୁ ନେଇଯିବି ମଥୁରାକୁ—ସେଠାକାର ଅନ୍ଧକାର ଦୂର କରିବା ପାଇଁ—

(ରାତି ଶେଷ ହୋଇ ପ୍ରଭାତର ସୂର୍ଯ୍ୟୋଦୟ—ଭୈରବୀର ଆଳାପ ମଧ୍ୟରେ ପ୍ରବେଶ କଲେ ଉତ୍ସବ ବେଶରେ ସଜ୍ଜିତ କୃଷ୍ଣ—ହାତରେ ବଂଶୀ)

ଅକ୍ରୂର ॥ ଆସ କୃଷ୍ଣ—

କୃଷ୍ଣ ॥ (ପାଖକୁ ଯାଇ) ମୁଁ ଏକା ଥରକେ ସଜ ହୋଇ ଚାଲି ଆସିଛି । ଭାଇଙ୍କର ବି କାମ ସରିଲାଣି । କାଲି ସଞ୍ଜବେଳେ ତାଙ୍କ ହଳ-ମୁଷଳଟା କୋଉଠି ଖସି ପଡ଼ିଛି ଯେ ତାକୁଇ ଖୋଜୁଛନ୍ତି ।

ଅକ୍ରୂର ॥ ତୁମେ ମଥୁରା ଯିବାକୁ ଖୁବ୍ ବ୍ୟଗ୍ର, ନା !

କୃଷ୍ଣ ॥ (ଯଶୋଦାଙ୍କ ପାଖକୁ ଯାଇ) ମାମୁଁ ଘରକୁ ଯାଉଛି ଯଜ୍ଞ ଦେଖିବି, ରଜାଘରର ଭୋଜି ଖାଇବି, ଇଏତ ଅତି ଆନନ୍ଦର କଥା । କିନ୍ତୁ ମା, ତମ ମୁହଁ ଏମିତି ଶୁଖି ଯାଇଛି କାହିଁକି ?

ଯଶୋଦା ॥ (କୃଷ୍ଣଙ୍କୁ ବକ୍ଷକୁ ଆଉଜାଇ ନେଇ) ମୋ କୃଷ୍ଣରେ—

କୃଷ୍ଣ ॥ ମା, ଗୋପରୁ ମଥୁରା କେତେ ଦୂର ?

ଯଶୋଦା ॥ (କମ୍ପିତ ସ୍ୱରରେ) ବହୁତ ଦୂର । ଏ ପଥରେ ଅନେକ ବାଧା, ପ୍ରତି ମୋଡରେ କଂସର କୁଚକ୍ର, ତୁ ବାଳୁତ ପିଲା—

ନନ୍ଦ ॥ ଛି, ଯଶୋଦା, ଯାତ୍ରା କାଳରେ ଅଯଥା ଦୁଶ୍ଚିନ୍ତାକୁ ମନରେ ସ୍ଥାନ ଦିଅନାହିଁ—

ମଙ୍ଗଳ ॥ ଆମେ ବି ରାମ କୃଷ୍ଣଙ୍କ ପଛେ ପଛେ ଯିବୁ ।

ନନ୍ଦ ॥ ହଁ, ସେଇକଥା ସମସ୍ତଙ୍କୁ ଜଣାଇଦିଅ । ଗୋପବାସୀ ପ୍ରତ୍ୟେକ

Digitized by srujanika@gmail.com

ସମର୍ଥ ପୁରୁଷ ରାମକୃଷ୍ଣଙ୍କ ସହିତ ମଥୁରା ଯିବେ । ଯାତ୍ରା
ଆରମ୍ଭ ହେବ ଆଜ, ଏଇ ସ୍ଥାନରୁ ।

(ମଧୁ ଓ ମଙ୍ଗଳଙ୍କ ପ୍ରସ୍ଥାନ)

କୃଷ୍ଣ ॥ ଆମେ ସମସ୍ତେ ଏକାଠି ହୋଇଗଲେ କଏ ଆମର କଣ କରି
ପାରିବ ? ଏତେ ଯାଦବଙ୍କ ଶକ୍ତି ଆଗରେ କଂସ ତ ଛାର—

ଅକ୍ରୂର ॥ (କୃଷ୍ଣଙ୍କୁ ଚାହିଁ) ମୁଁ ବର୍ତ୍ତମାନ ବିଶ୍ୱାସ କରୁଛି, ବାହୁକ ଠିକ୍
କହୁଥିଲେ । ତମେ ହିଁ ପାରିବ । (ରହି) ମୁଁ ଯାଏ ରଥ
ପ୍ରସ୍ତୁତ କରେ ।

(ନନ୍ଦଙ୍କ ସହ ଅକ୍ରୂରର ପ୍ରସ୍ଥାନ)

ଯଶୋଦା ॥ ଏତେବଡ଼ କାମ କରିବା ପାଇଁ ସାରା ରାଜ୍ୟରେ ମୋର ଏ
ସାନପୁଅ ଦୁଇଟି ଛଡ଼ା ଆଉ କଣ କେହି ନାହାଁ ?

କୃଷ୍ଣ ॥ ତମେ ଡରନ ମା, ଆଦୌ ବ୍ୟସ୍ତ ହୁଅନ । ଉତ୍ସବ ସରିଲା
ମାତ୍ରେ ଆମେ ଫେରି ଆସିବୁ । ଭାଇ କହୁଥିଲେ ଧନୁର୍ଭଙ୍ଗ
ପୁରସ୍କାର ତକ ଧରି ସଙ୍ଗେ ସଙ୍ଗେ ଫେରି ଆସିବା ।

(ପ୍ରବେଶ କଲେ ଚନ୍ଦ୍ରସେଣ, ରାଧା ଓ ଲଳିତା)

କୃଷ୍ଣ ॥ (ଚନ୍ଦ୍ରସେଣ ପାଖକୁ ଯାଇ) ହେ ମାମୁଁ, ତୁମେ ଆମ
ସାଙ୍ଗରେ ଯିବତ ? ତମେ ମଥୁରାରେ ବହୁଦିନ ରହିଛ ।
ସେଠା କଥା ତମକୁ ଜଣା । ତମେ ଆମ ସାଙ୍ଗରେ ଚାଲ ।

ଚନ୍ଦ୍ରସେଣ ॥ ଯିବି କୃଷ୍ଣ, ନିଶ୍ଚୟ ଯିବି । ମଥୁରାରେ ମୋର ବି ଜଣକ
ସାଙ୍ଗରେ ଦେଣା ପାଉଣା ହିସାବ ତୁଟାଇବାର ଅଛି ।
ଦେଖିବା, ଏଇ ଯଜ୍ଞର ନିଆଁ ମୋ ମନର ନିଆଁକୁ ଶାନ୍ତ
କରିପାରିବ କି ନାହିଁ ! (ପ୍ରସ୍ଥାନ)

କୃଷ୍ଣ ॥ (ରାଧାଙ୍କ ପାଖକୁ ଯାଇ) ହଁ ମାଇଁ, ମଥୁରା ଏତେବଡ଼
ନଗର, ସେଠି କିଛି କେତେ ଗହଳି ଚହଳି, ପୁଣି ଯଜ୍ଞ ପାଇଁ

Digitized by srujanika@gmail.com

ଲୋକ ଗହଳି ଆହୁରି ବଢ଼ିଯାଇଥିବ । ମୋର ବ ତ ଭାଇଙ୍କ ଭଳି ଭୁଲାମନ । ବଂଶୀଟା ଯଦି କୋଉଠି ହଜିଯାଏ ଏମିତିଟିଏ ଆଉ ମିଳିବ ନାହିଁ । ଏଇଠି ତମ ପାଖରେ ଥାଉ । (ବଂଶୀଟି ରାଧାଙ୍କ ହାତକୁ ବଢ଼ାଇ ଦେଲେ, ରାଧା ନୀରବରେ ବଂଶୀ ରଖିଲେ) ସାବଧାନରେ ରଖିବ ମାଇଁ । (ବାହାରକୁ ଚାହିଁ) ଭାଇ କୁଆଡ଼େ ଯେ ଗଲେ ? ମଥୁରାକୁ ଯିବେ ସାଙ୍ଗରେ ହଳଟିଏ ନ ନେଲେ ଚଳିବ ନାହିଁ ! ହଁ ମାଇଁ, ମାଙ୍କ କଥାତ ଜାଣ । ଆମେ ଦୁଇଭାଇ ଆଖିରୁ ଟିକେ ଆଢ଼ୁଆଳ ହେଲେ କେମିତି ଅସ୍ଥିର ହୋଇ ପଡ଼ନ୍ତି, ତାଙ୍କ କଥା ଟିକେ ବୁଝୁଥିବ ।

ଲଳିତା ।। (ଅସ୍ଥିର ଆତୁରତାର ସହିତ) ତମେ ଯାଅନାହିଁ କୃଷ୍ଣ, ଆମକୁ ଛାଡ଼ି ଯାଅ ନାହିଁ ।

କୃଷ୍ଣ ।। (ସରଳ ଭାବରେ) ଚନ୍ଦ୍ର ଆଉ କୁମୁଦ, ପଦ୍ମ ଆଉ ଭ୍ରମର, ଜଳ ଆଉ ମୀନ, ଚାତକ ଆଉ ବାରିଧାରା, ଏମାନେ କଣ କେବେ ପରସ୍ପରଠାରୁ ଦୂରରେ ରହିପାରିବେ, ଲଳିତା ?

(ପ୍ରବେଶ କଲେ ଅକ୍ରୂର ଓ ନନ୍ଦ)

ନନ୍ଦ ।। ଯାତ୍ରା, ଆରମ୍ଭ କରାଯାଉ—

ଅକ୍ରୂର ।। (ଯଶୋଦାଙ୍କୁ) ଆଶୀର୍ବାଦ କର ଭଉଣୀ, ରାମକୃଷ୍ଣଙ୍କ ତାରୁଣ୍ୟର ନେତୃତ୍ୱରେ ଯାଦବ ବଂଶ ପୁନର୍ଗଠନର ଏ ଉଦ୍ୟମ ସଫଳ ହେଉ । ସେମାନଙ୍କର ଏ ଯାତ୍ରା ଶୁଭ ହେଉ—

ଯଶୋଦା ।। (କଷ୍ଟରେ କୋହ ସମ୍ଭରଣ କଲେ) ଶୀଘ୍ର ଫେରି ଆସିବୁରେ କୃଷ୍ଣ···

(ନେପଥ୍ୟରୁ ଶୁଣାଗଲା ଏକ ନାରୀ କଣ୍ଠରୁ ଗୀତ-

Digitized by srujanika@gmail.com

ସ୍ୱଳ୍ପତମ ଯାନ୍ତ୍ରିକ ସହଯୋଗ ସହିତ ମଥୁରାମଙ୍ଗଳ
ଷଷ୍ଠ ଛନ୍ଦରୁ କେତୋଟି ଧାଡ଼ି)

ଯେତେବେଳେ ବନେ ଯାଉ   ସଙ୍ଗେ ମୋର ପ୍ରାଣ ନେଉ
ନିମିଷେ ବିଚ୍ଛେଦ ନ ସହଇ
ଏବେ ଯିବୁ ମଥୁରାକୁ   ମତେ ସମର୍ପି କାହାକୁ
ଚନ୍ଦ୍ରମୁଖ ନ ଦେଖିଲେ ମୁହିଁରେ ଜୀବଧନ
ଜୀବନ ହାରିବି ଗଣ୍ଡୂ ଜଳେ   ତୁ ମୋତେ ଅନ୍ତର କଲେ ତିଳେକରେ ।

(ଗୀତର ସମସ୍ତ କାରୁଣ୍ୟକୁ ଆବୃତ୍ତ କରି ବାଜି ଉଠିଲା ବୀରବାଦ୍ୟ—କୃଷ୍ଣଙ୍କୁ କେନ୍ଦ୍ରରେ ରଖି ଅନ୍ୟ ସମସ୍ତେ ଏକ ଶୋଭାଯାତ୍ରାର ଭଙ୍ଗୀରେ ନିଜ ନିଜର ସ୍ଥାନ ଗ୍ରହଣ କରିନେଲେ । ବୀରବାଦ୍ୟ କ୍ଷିପ୍ରତର ହୋଇ ଉଠିଲା, (କ୍ରମଶଃ) ଶୋଭାଯାତ୍ରା ଆଗେଇ ଗଲା—ଶୋଭାଯାତ୍ରାର ଶେଷ ଲୋକଟି ଚନ୍ଦ୍ରସେନ । ବାଦ୍ୟ କ୍ରମଶଃ ଅଧିକ ଉଚ୍ଚଳ ହୋଇ ଉଠିଲା)

Digitized by srujanika@gmail.com

॥ ଦ୍ୱାଦଶ ଦୃଶ୍ୟ ॥

(ସମୟ ପ୍ରତ୍ୟୁଷ-ମଥୁରା ରାଜପଥର ଏକ ନିର୍ଜନ ସ୍ଥାନରେ ଏକାକୀ ଚନ୍ଦ୍ରସେଣ— ସେ ଦୃଶ୍ୟତଃ, ଚକିତ ସ୍ତମ୍ଭିତ)

ଚନ୍ଦ୍ରସେଣ ॥ (ସ୍ୱଗତ) ଗୋପରୁ ଆସିଲା ଏକ ଉଦ୍ଭିନ୍ନ ଯୌବନ କିଶୋର । ଆଖିର ପଲକରେ ଜିଣିନେଲା ମଥୁରାବାସୀଙ୍କ ମନ ଓ ପ୍ରାଣ । ଉତ୍ସବ ରାଗରେ ରଞ୍ଜିତ ହେଲା ସମଗ୍ର ନଗରୀ । କିଶୋରର ଦୃପ୍ତ ପଦପାତରେ ସ୍ୱତଃ ଦୂରେଇ ଗଲା ସବୁ ବାଧା ବିଘ୍ନ । ଚପେଟାଘାତକେ ପ୍ରାଣ ଦେଲା ଉଦ୍ଧତ ରଜକ । କୌଶଳରେ କବଳିତ ହେଲା କ୍ରୁଦ୍ଧ କୁବଳୟା । ଶୌର୍ଯ୍ୟରେ ପରାଭବ ଲଭିଲେ ଚାଣୁର, ମୁଷ୍ଟିକ । ଖଡ୍‌ଗର ସାବଲୀଳ ଆଘାତରେ ସିଂହାସନରୁ ଖସି ପଡ଼ିଲା ବିଶ୍ୱତ୍ରାସ କଂସର ନିଷ୍ପ୍ରାଣ ଦେହ । ଯାଦବ ଇତିହାସର ଆକାଶରେ ନବୀନ ସୂର୍ଯ୍ୟୋଦୟ ହେଲା, କେତେ ସଂକ୍ଷେପରେ, କେତେ ସହଜରେ ! × × × ଆଜାନୁ ଲମ୍ବିତ ମୃଣାଳ ଦଣ୍ଡ ବାହୁରେ ଏତେ ଶକ୍ତି ? ଆକର୍ଣ୍ଣ ବିସ୍ତୃତ ନୀଳକଇଁ ଆଖିରେ ଏତେ ସମ୍ମୋହନ ? କୋମଳ କିଶୋର ହୃଦୟରେ ଏତେ ଦମ୍ଭ ? × × × ଏ ରୁଦ୍ର-ସୁନ୍ଦର ରୂପ, ଏ ଶ୍ୟାମ କମନୀୟ କାନ୍ତି, ଅକଳନ୍ତା ସମ୍ଭାବନାର ଏଇ ବର୍ଣ୍ଣିଳ ସମାବେଶ,

Digitized by srujanika@gmail.com

ଯଦି ଜଣେ ବ୍ୟକ୍ତିଠାରେ ଠକି ହୁଏ, କିଏ ବା ତା' ପ୍ରେମରେ ନିମଜ୍ଜିତ ନହେବ ? ଏକା ରାଧାର ବା ଦୋଷ କଣ ? × × × ମୁଁ କିନ୍ତୁ କଣ କରିବ ? ଏ ବିଜୟ ଉତ୍ସବରେ ମୋର ବା ଭୂମିକା କଣ ? ବରଂ ମୋର ଅଶୁଭ ମଳିନ ଛାୟାପାତରେ ଧୂସର ଦିଶିବ ସେ ବର୍ଣ୍ଣାଢ଼୍ୟ ଶୋଭା । ବିଘ୍ନିତ ହେବ ତାଙ୍କ ଯାତାପଥ । ସେଇଥି ପାଇଁ ତ ମୋର ଏ ପ୍ରାଣାନ୍ତକ ଉଦ୍ୟମ ନିଜକୁ ଲୁଚାଇ ରଖିବାର । ହେଲେ କେଉଁଠି ଲୁଚିଲି ପାରିବି ମୋ ନିଜକୁ ନିଜଠାରୁ, କେଉଁ ଛଳନାର ଆଶ୍ରୟରେ ? (ପ୍ରବେଶ କଲେ ବୃହଦ୍ଘ୍ନ—ଗର୍ଜି ଉଠିଲେ ଉତ୍ତ୍ୟକ୍ତ ଚନ୍ଦ୍ରସେଣ)—ବୃହଦ୍ଘ୍ନ···

ବୃହଦ୍ଘ୍ନ ॥ କିଏ ?

ଚନ୍ଦ୍ରସେଣ ॥ ମୁଁ ତୁମର ଯମ, ଚନ୍ଦ୍ରସେଣ···

ବୃହଦ୍ଘ୍ନ ॥ ଚନ୍ଦ୍ରସେଣ ! × × ନା, ମନେ ପଡୁନାହିଁ । ତେବେ ତୁମର ମୋ ପ୍ରତି ଏତେ କ୍ରୋଧର କାରଣ କଣ ? ଅବଶ୍ୟ ତୁମର ପୂର୍ବତନ ମହାରାଜଙ୍କ ପରାମର୍ଶଦାତା ଥିବାବେଳେ ତାଙ୍କ ଇଙ୍ଗିତରେ କେତେକ କଠୋର ପଦକ୍ଷେପ ନେବାକୁ ପଡ଼ିଥିଲା, ଯେଥିପାଇଁ ମଥୁରାବାସୀ ମୋତେ ଭୁଲ ବୁଝିଛନ୍ତି । ସେମାନେ ମନେ ରଖିବା ଉଚିତ ଜରୁରୀକାଳୀନ ପରିସ୍ଥିତିରେ ଯାହା କିଛି ହୋଇଚି, ସବୁ କଂସଙ୍କ ନିର୍ଦ୍ଦେଶ କ୍ରମେ । ମୁଁ କେବଳ ନିମିତ୍ତ, ମୋର କୌଣସି ଦୋଷ ନାହିଁ ।

ଚନ୍ଦ୍ରସେଣ ॥ ମୁଁ କିଛି ଶୁଣିବି ନାହିଁ, ବୃହଦ୍ଘ୍ନ ମରିବା ପାଇଁ ପ୍ରସ୍ତୁତ ହୁଅ ।

ବୃହଦ୍ଘ୍ନ ॥ ତୁମକୁ ଦେଖିଲେ ମନେ ହେଉଛି ତୁମେ ଅସୁସ୍ଥ । ଏଇ ଭଙ୍ଗା ହାତ ନେଇ ତୁମେ କଣ ମୋ ସାଙ୍ଗେ ଲଢି ପାରିବ ?

ଚନ୍ଦ୍ରସେଣ ॥ ନର୍କର କୀଟଠାରୁ ମଧ୍ୟ ଅଧମ, ତୁମକୁ ମାରିବା ପାଇଁ ଏଇ

Digitized by srujanika@gmail.com

ଦୁଇ ପାଦର ଶକ୍ତି ହିଁ ଯଥେଷ୍ଟ ।

ବୃଷଦ୍ଧ୍ନ ॥ ମୁଁ କିନ୍ତୁ ତମ ଭଳି ପଙ୍ଗୁ ଅଥବା ସହିତ ଲଢ଼ି ପାରିବି ନାହିଁ । ମୁଁ ବୀର, କ୍ଷତ୍ରିୟ । ଏମିତି ଅନ୍ୟାୟ ମୁଁ କେମିତି କରିବି ?

ଚନ୍ଦ୍ରସେନ ॥ ଅନ୍ୟାୟ ଆଦେଶକୁ ଅମାନ୍ୟ କରିଥିଲି ବୋଲି ଯେତେବେଳେ ତମରି ଆଦେଶରେ ମୋ ଜୀବନଟାକୁ ଆକ୍ଷରିକ ଭାବେ ନଷ୍ଟ କରି ଦିଆଗଲା ସେତେବେଳେ ଏ ଚମତ୍କାର ନ୍ୟାୟବୋଧ ଏଇ କ୍ଷତ୍ରିୟୋଚିତ ବୀରତ୍ୱ କେଉଁଠି ଥିଲା ? ମୁଁ ତମକୁ ହତ୍ୟା କରିବି ବୃଷଦ୍ଧ୍ନ ।

ବୃଷଦ୍ଧ୍ନ ॥ ତମେ ମୋତେ ମାରି ପାରିବ କି ନାହିଁ ସେଇଟା ପଛ କଥା, କିନ୍ତୁ ମତେ ହତ୍ୟା କରିବାକୁ ଚାହୁଁଛ କାହିଁକି ? ମୁଁ ତ ତମକୁ ସେତେବେଳେ ପ୍ରାଣଦଣ୍ଡ ଦେଇ ପାରିଥାନ୍ତି । କିନ୍ତୁ ମୁଁ ତମକୁ ବଞ୍ଚାଇ ରଖିଥିଲି । ଜୀବନଦାନରେ ମୋତେ ହତ୍ୟା କରିବାକୁ ଚାହିଁବା କଣ ଉଚିତ ? ଭାବିଦେଖ, ଚନ୍ଦ୍ରସେନ । ପଛକଥା ମନରୁ ପୋଛିଦିଅ । ମୁଁ ଏବେ ଖୁବ୍ ବ୍ୟସ୍ତ । ସ୍ୱର୍ଗତ ମହାରାଜାଙ୍କର ବିଧବା ପତ୍ନୀମାନଙ୍କୁ ତାଙ୍କ ପିତାଳୟ ରାଜଗୃହ ଫେରାଇ ନେବା ଦାୟିତ୍ୱ ମୋର ।

ଚନ୍ଦ୍ରସେନ ॥ ତମେ ଏଠୁ କେବଳ ନର୍କକୁ ଯିବ ବୃଷଦ୍ଧ୍ନ ।

ବୃଷଦ୍ଧ୍ନ ॥ ଦେଖ, ଯଥେଷ୍ଟ କହିଲଣି ଅଧିକ ଧୃଷ୍ଟତା ସହିବା ମୋ ପକ୍ଷେ ଅସମ୍ଭବ—

ଚନ୍ଦ୍ରସେନ ॥ (ତୀବ୍ର ସ୍ୱରରେ) ବୃଥାବାକ୍ୟ ବ୍ୟୟରେ ଲାଭ କଣ ?

ବୃଷଦ୍ଧ୍ନ ॥ (ଅସି କୋଷମୁକ୍ତ କରି) ନିହାତି ଯଦି ମରିବାକୁ ଚାହଁ…

(ବୀରବାଦ୍ୟ ମଧ୍ୟରେ ଆରମ୍ଭ ହେଲା ଏକ ଅସମ ଯୁଦ୍ଧ । ସଶସ୍ତ୍ର ବୃଷଦ୍ଧ୍ନ ଓ ନିରସ୍ତ୍ର ଚନ୍ଦ୍ରସେନଙ୍କ

Digitized by srujanika@gmail.com

ମଧ୍ୟରେ । ପ୍ରଥମ ପର୍ଯ୍ୟାୟରେ ଚନ୍ଦ୍ରସେଣ ଆହତ ହୋଇ ଭୂପତିତ ହେଲେ । ବୃଷଘ୍ନ ଅତ୍ୟନ୍ତ କ୍ରୂର ଭାବରେ ହସି ତାଙ୍କୁ ହତ୍ୟା କରିବାକୁ ଯାଉଥିବା ବେଳେ ଚନ୍ଦ୍ରସେଣଙ୍କର ପଦାଘାତରେ ଭୂପତିତ ହେଲେ ଓ କ୍ଷିପ୍ର ବେଗରେ ଉଠି ଚନ୍ଦ୍ରସେଣ ବୃଷଘ୍ନଙ୍କ ବେକ ଉପରେ ପାଦ ଗୃପି ଧରିଲେ । ଚନ୍ଦ୍ରସେଣ ହସୁଥାନ୍ତି, ଚୂଡ଼ାନ୍ତ ପରିତୃପ୍ତିର ହସ ।)

●

Digitized by srujanika@gmail.com

।। ତ୍ରୟୋଦଶ ଦୃଶ୍ୟ ।।

(ପୂର୍ବ ଦୃଶ୍ୟଠାରୁ ଏହି ଦୃଶ୍ୟର ସମୟ ବ୍ୟବଧାନ ସୁଦୀର୍ଘ—ବ୍ୟବଧାନର ସୂଚନା ଚରିତ୍ରମାନଙ୍କ ବେଶ ସଜ୍ଜାରେ ସ୍ପଷ୍ଟ—ଗୋପପରେ ସଂବାଦ ଚହଳିଛି ପ୍ରଭାସ କ୍ଷେତ୍ରରେ ଶ୍ରୀକୃଷ୍ଣଙ୍କ ପୌରହିତ୍ୟରେ ଯଜ୍ଞାନୁଷ୍ଠାନ ଚାଲିଛି—ସଂବାଦ ପ୍ରାପ୍ତି ମାତ୍ରେ ଗୋପପୁରରେ ଚାଞ୍ଚଲ୍ୟ ସୃଷ୍ଟି ହେଲା—

ସମୟ ଅପରାହ୍ନ—

ଗୋପ ରାଜପୁରୀର ଏକ କକ୍ଷରେ ନନ୍ଦ, ଯଶୋଦା—)

ଯଶୋଦା ।। (କ୍ଷୀଣ ମ୍ଳାନ ସ୍ୱରରେ) ବହୁଦିନ ତଳେ ମଥୁରାରୁ ଗୋଟିଏ ଯଜ୍ଞର ନିମନ୍ତ୍ରଣ ଆସିଥିଲା, ସେଇଥିରେ ଯୋଗ ଦେବାକୁ ପୁଅ ମୋର ଯାଇଚି ଯେ ଆଉ ବାହୁଡ଼ି ନାହିଁ । ଆଜି ପୁଣି ଆଉ ଗୋଟିଏ ଯଜ୍ଞ ! ଏ ଯଜ୍ଞରେ ଆହୂତି ଦେବାକୁ ଆଉ କଣ ଅଛି ମୋ ପାଖରେ ?

ନନ୍ଦ ।। ମନ ଊଣା କର ନାହିଁ ଯଶୋଦା, ତମ କୋଳର କଳାକାହ୍ନୁ ଆଜି ସମଗ୍ର ଆର୍ଯ୍ୟାବର୍ତ୍ତର ମୁକୁଟବିହୀନ ସମ୍ରାଟ । ରାଜସୂୟ ଯଜ୍ଞ ଶେଷରେ ଅଗ୍ରପାଣ୍ଡବ ଯୁଧିଷ୍ଠିର କୁରୁକୁଳବୃଦ୍ଧ ଭୀଷ୍ମଙ୍କ ନିର୍ଦ୍ଦେଶ କ୍ରମେ ସେହି ଗୋପଅନ୍ନ ପ୍ରତିପାଳିତ କୃଷ୍ଣର ପାଦତଳେ ଅର୍ଘ୍ୟ ବାଢିଥିଲେ । କୁରୁକ୍ଷେତ୍ର ମହାଯୁଦ୍ଧର

Digitized by srujanika@gmail.com

ଫଳାଫଳ ନିର୍ଣ୍ଣିତ ହୋଇଛି ତା'ର ପାଞ୍ଚଜନ୍ୟ ନିର୍ଘୋଷରେ । ଦୁଷ୍କୃତର ବିନାଶ ଓ ଧର୍ମ ସଂସ୍ଥାପନ ନିମନ୍ତେ ତାର ଉଦୟ-ମର ଶ୍ରୀକୃଷ୍ଣ ସ୍ୱରୂପ ମନୁଷ୍ୟ ଦେହ ଧରି ସେ ଭାରତବର୍ଷ ପଞ୍ଚ ସ୍ୱରେ ସର୍ବମାନ୍ୟ । ଏ କଣ ଆମର ଗୌରବ ନୁହେଁ ?

ଯଶୋଦା ॥ ମାନ, ଗୌରବ ସିଏ ବୁଝେଁ ତାକୁଇ ପ୍ରାପତ ହଉ, ସେ ସବୁ ମୁଁ ତ ଭଲେ ହେଲେ ବି ବୁଝେଁ ନାହିଁ । ମୋତେ ଖାଲି ମୋ ମାଳମଣିଟିକୁ ଫେରାଇ ଦିଅ, ଗୋପରାଜ । ମୁଁ ତମ ପାଦଛୁଇଁ କଥା ଦଉଛି, ଆଉ ତାକୁ ଧେନୁ ଚରାଇବାକୁ ବୃନ୍ଦାରଣ୍ୟ ପଠାଇବି ନାହିଁ, ଆଉ କାଳିନ୍ଦୀ ଦହକୁ ଚନ୍ଦୁ ଠୋକିବାକୁ ଛାଡ଼ିବି ନାହିଁ, ଦୁଷ୍ଟ ହେଲେ ଆଉ ଯମଳାର୍ଜୁନ ମୂଳରେ ବାନ୍ଧି ରଖିବି ନାହିଁ । ଏଣିକି ତାକୁ ବାନ୍ଧି ରଖିବି ମୋ ଛତିଶ ଖଣ୍ଡ ପଞ୍ଜରାର ନିଭୃତ ପେଡ଼ି ଭିତରେ । ତାର ସୁରକ୍ଷା ପାଇଁ ସଦା ସର୍ବଦା ଜଳୁଥିବ ମୋ ଦି'ଆଖିର ଦିହୁଡ଼ି ।

ନନ୍ଦ ॥ ଫୁଲମାଳର ନିଗଡ଼ କଣ ମତ୍ତ ଦନ୍ତାବଳକୁ ବାନ୍ଧିରଖି ପାରେ ଯଶୋଦା ? ବୃହତ୍ତର କର୍ତ୍ତବ୍ୟର ଆହ୍ୱାନରେ ଜାଗ୍ରତ ବିରାଟ ପୁରୁଷକୁ ଆମ କ୍ଷୁଦ୍ର ଆଶା ନିରାଶାର ସଂକୀର୍ଣ୍ଣ ପରିଧି ମଧ୍ୟରେ ଆବଦ୍ଧ ରଖି ପାରିବା କଣ ସମ୍ଭବ ?

ଯଶୋଦା ॥ ତା'ହେଲେ କଣ ଜାଣିବି ଯେ ବାଟହୁଡ଼ ଯେଉଁ କୋଇଲିଟି ଆସି ଆମ କାଉ ବସାରେ ଘଡ଼ିକ ପାଇଁ ବସିଥିଲା, ସବୁଦିନ ପାଇଁ ଉଡ଼ି ଯାଇଛି, ଆଉ ଫେରିବ ନାହିଁ ?

ନନ୍ଦ ॥ ବସନ୍ତର ପ୍ରଥମ ଫୁଲଟି ଫୁଟିଲେ, ମଳୟର ପ୍ରଥମ ସୋଉଟି ବହିଲେ କୋଇଲି କଣ ନୀରବରେ ସେଇ ଗୋଟିଏ ଡାଳରେ ବସିରହି ପାରିବ ? ସମୟର ସୁଅ କଣ କେବେ ଉଜାଣି

Digitized by srujanika@gmail.com

ବଢ଼େ ? ବରଂ ଚାଲ, ପ୍ରବାସକୁ ଯିବା, ଦେଖିଆସିବା, ପୁଅ ଆମର କେତେ ବଡ଼ ହୋଇଛି । ବିଶ୍ୱାସ କର ଯଶୋଦା, ସେଠି ପହଞ୍ଚିବା ମାତ୍ରେ କୃଷ୍ଣ ଆଉ ଅଗଣନ ପରିବାର ପରିଜନ ଆସି ଯେତେବେଳେ ପାଦତଳେ ତମର ମୁଣ୍ଡିଆ ମାରିବେ, ଚଉଦଭୁବନର ସବୁ ସଂପଦ, ସୁଖ ତମ ହାତପାଆନ୍ତାକୁ ଓହ୍ଲାଇ ଆସିବ—

ଯଶୋଦା ॥ ମୋତେ ଏତେ ଲୋଭ ଦେଖାଅ ନାହିଁ, ଗୋପପତି, ଯାହାକୁ ଥରେ ହରାଇବାର ଦୁଃଖ ଏଯାଏ ପୂରା ସମ୍ଭାଳି ପାରିନାହିଁ, ତାକୁ ଆଉ ଘଡ଼ିକ ପାଇଁ ପାଇ, ପୁଣି ଥରେ ହରାଇବାର ଦୁଃଖ ସହିବାକୁ ଦମ୍ଭ ଏ ଛାତିର ନାହିଁ—

ନନ୍ଦ ॥ ଆମେ ନ ଗଲେ ଯଦି କୃଷ୍ଣ ମନ ଦୁଃଖ କରେ ?

ଯଶୋଦା ॥ ହଁ, ତା'ହି ସତ । ଛୁରି ଲହୁଣୀ ଟିକିକ ପାଇଁ ତାର ଯେତେ କଟାଳି, ଆମକୁ ଯଜ୍ଞ ପାଖରେ ନ ଦେଖିଲେ ନିଶ୍ଚେ ମନରେ କଷ୍ଟ ହେବ ତାର । ଆମେ ଯିବା ଗୋପପତି, ଆମେ ନିଶ୍ଚୟ ଯିବା—

(ପ୍ରବେଶ କଲେ ମଧୁ ଓ ମଙ୍ଗଳ)

ମଧୁ ॥ କାହିଁକି ଯିବା ? ଦ୍ୱାରକାପତି ତାଙ୍କ ଦ୍ୱାରକାରେ ବଡ଼ । ଆମ ଉପରେ ତାଙ୍କର କର୍ତ୍ତୃତ୍ୱ ନାହିଁ । ଅବାହୂତ ଭିକ୍ଷୁକଙ୍କ ଭଳି ଆମେ ଯାଇ ତାଙ୍କ ଯଜ୍ଞସ୍ଥଳୀରେ ଧାଡ଼ି ବାନ୍ଧିବା କାହିଁକି ?

ମଙ୍ଗଳ ॥ କଣ କହୁଛୁ ମଧୁ !

ମଧୁ ॥ ମୁଁ କଣ ମିଛ କହୁଛି ? ଆଜି କୃଷ୍ଣ ପ୍ରଥିତଯଶା ମହାପୁରୁଷ ହୋଇଥାଇପାରେ, କିନ୍ତୁ ଦିନେ ସେ ଥିଲା ଅସହାୟ ଏକ ଶିଶୁ, ଦୁରାତ୍ମା କଂସର କୂଟଚକ୍ରାନ୍ତରୁ ଯାହାକୁ ରକ୍ଷା

Digitized by srujanika@gmail.com

କରିବା ପାଇଁ ବହୁ ରକ୍ତମୂଲ୍ୟ ଦେଇଛୁ ଆମେ, ବହୁ ହତଭାଗିମାଙ୍କ କୋଳଶୂନ୍ୟ ହୋଇଛି । ଧନୁର୍ଯଜ୍ଞ ବେଳେ ଆମେ ତା' ସହିତ ଯାଇ ନଥିଲେ ହୁଏତ ଘଟଣା ସୂଅ ଭିନ୍ନ ମୋଡ଼ ନେଇଥାନ୍ତା । କୃଷ୍ଣ ଆଜ ଏତେ ବଡ଼ ହୋଇଛି, କେବଳ ଆମର ପାଇଁ । କିନ୍ତୁ ପରିବର୍ତ୍ତେ ଆମେ ଅଧମ ଗୋପବାସୀ ତାଠୁଁ କଣ ପାଇଛୁ ?

ମଙ୍ଗଳ ॥ ଏଇଟା ତୋ ଅଭିମାନର ଆକ୍ଷେପ, ମଧୁ । ତୁ ଭୁଲି ଯାଉଛୁ ନିମନ୍ତ୍ରଣ କରାଯାଏ ବାହାର ଲୋକଙ୍କୁ । ଆମେ ତାର ନିଜ ଲୋକ । ତା'ର କାମ ବେଳେ ଅଣ୍ଟା ଭିଡ଼ି ତା' ପାଖରେ ଛିଡ଼ାହେବା ଆମର କର୍ତ୍ତବ୍ୟ ।

ନନ୍ଦ ॥ ମଙ୍ଗଳ ଠିକ କହୁଛି ମଧୁ—ଭାବକୁ ସବୁ ନିକଟ, ଭାବ ତୁଟି-ଗଲେ ସବୁ ଦୂର, ସଭିଏଁ ପର । ତମେ ସବୁ ଯାଅ କି ନ ଯାଅ, ମୁଁ ଆଉ ଯଶୋଦା ନିଶ୍ଚୟ ଯିବୁ । ଯେଉଁ ଶିଶୁଟି ଆଖି ଖୋଲି ପ୍ରଥମେ ଗୋପର ଆଲୋକ ଦେଖିଥିଲା, ପ୍ରଥମ ପାଦଟି ଏଇ ଗୋପଦାଣ୍ଡରେ ପକାଇଥିଲା, ଯାହା ତୁଣ୍ଡର ପ୍ରଥମ ଦରୋଟି ଏଇ ଗୋପର ପବନରେ ଆଦ୍ୟ ଗୁଂଜରଣ ତୋଳିଥିଲା, ସେଇ ପିଲାଟି ବଡ଼ ହୋଇ କୀର୍ତ୍ତିର କେଉଁ ତୁଙ୍ଗ ଶିଖରରେ ପାଦ ଥୋଇଲାଣି, ନିଜ ଆଖିରେ ଦେଖି ଆସିବୁ ।

ମଧୁ ॥ ଅନିମନ୍ତ୍ରିତ ଭାବେ ପହଞ୍ଚିଲେ ଯଦି ଅପମାନ ମିଳେ ?

ନନ୍ଦ ॥ ଚାହିଁଲେ ମାନ ମିଳେନି ସତ କିନ୍ତୁ ସତର୍କ ରହିଲେ ଅପମାନକୁ ଏଡ଼ାଇ ହୁଏ, ମଧୁ—ଯାତ୍ରାର ଆୟୋଜନ କର—

(ନନ୍ଦ ଓ ଯଶୋଦାଙ୍କ ପ୍ରସ୍ଥାନ)

ମଙ୍ଗଳ ॥ ରାଜା ନନ୍ଦଙ୍କ ଆଦେଶ ପାଳିତ ହେବ । ଆମେ ସମସ୍ତେ ପ୍ରଭାସ ଯାତ୍ରା କରିବା—

Digitized by srujanika@gmail.com

(ପ୍ରବେଶ କଲେ ଚନ୍ଦ୍ରସେଣ)

ମଧୁ ॥ ଏଇତ ବନ୍ଧୁ ଚନ୍ଦ୍ରସେଣ ବ ପହଞ୍ଚିଗଲେ । କଣ ବନ୍ଧୁ, ପ୍ରଭାସକୁ ଯଜ୍ଞ ଦେଖି ଯିବା ?

ଚନ୍ଦ୍ରସେଣ ॥ ପ୍ରଭାସରେ ଯଜ୍ଞ ?

ମଙ୍ଗଳ ॥ ହଁ ଚନ୍ଦ୍ର, କୃଷ୍ଣ ସେ ଯଜ୍ଞର ପୁରୋଧା—

ମଧୁ ॥ ହଁ କୃଷ୍ଣ—ଗୋପରେ ଛଇଳବର, କୁରୁକ୍ଷେତ୍ରର ମହାନ ସାରଥୀ—ଯିବୁ ତ ?

ଚନ୍ଦ୍ରସେଣ ॥ କ୍ଷତି କଣ ?

ମଧୁ ॥ ସାଙ୍ଗରେ ଶ୍ରୀମତୀ ରାଧାଙ୍କୁ ନେଇଯିବା ତ ? ଯେତେ ପାଟରାଣୀ, ରାଣୀ ଥିଲେ ବ ପ୍ରଥମ ପ୍ରେମିକାଟି ପାଇଁ କଣ ସେ ବରାଟ ହୃଦୟରେ ବନ୍ଦୁମାତ୍ର ସ୍ଥାନ ଅବଶିଷ୍ଟ ନଥିବ ?

(ବଦ୍ରୂପାତ୍ମକ ହସ ହସି ହସି ମଧୁର ପ୍ରବେଶ)

ମଙ୍ଗଳ ॥ ନା, ମଧୁଟା ଆଜ ସଭ୍ୟତା ଶିଖିଲା ନାହିଁ—

ଚନ୍ଦ୍ରସେଣ ॥ ଅପ୍ରିୟ ହେଲେ ମଧ ସତ୍ୟର ସମ୍ମୁଖୀନ ହେବା ପାଇଁ ମୋର କୁଣ୍ଠା ନାହିଁ, ମଙ୍ଗଳ, ମୁଁ ଆଦୌ ମନ ଊଣା କରୁନାହିଁ । ଚାଲ, ଯଦ ରାଜାଦେଶ ହୋଇଛି, ଯାହାର ଆୟୋଜନ କରିବା—

(ମଙ୍ଗଳଙ୍କ ସହ ଚନ୍ଦ୍ରସେଣଙ୍କ ପ୍ରସ୍ଥାନ—ଟିକେ ଟିକେ ସ୍ୱଳ୍ପ ବ୍ୟବଧାନରେ ପ୍ରବେଶ କଲେ ଲଳିତା ଓ ରାଧା)

ଲଳିତା ॥ ଯଦୁପତିଙ୍କ ଯଜ୍ଞ ଦେଖି ପ୍ରଭାସକୁ ଯିବାତ ସଖୀ ?

ରାଧା ॥ ଯଦୁପତିଙ୍କ ସହ ମୋର କଣ ବା ସଂପର୍କ ଲଳିତା ? ମୁଁ ଯିବ ମୋର ଅଭିଳାଷମାନଙ୍କରେ ଗଢ଼ା ସେ ହବ୍ୟସୁନ୍ଦର ପ୍ରତିମାଟିକୁ ଦେଖିବା ପାଇଁ, ଭେଟିବାକୁ ଯିବ ମୋ ଜୀବନ

Digitized by srujanika@gmail.com

ମରୁର ଶ୍ୟାମଳ ଅଞ୍ଚଳକୁ, ଶେଷ ଥରଟି ପାଇଁ ଚେଷ୍ଟା କରିବ ଅଧାଦେଖା ସ୍ୱପ୍ନମାନଙ୍କ ଆଶ୍ୱାସନାମୟ ଶେଷାଂଶ, ଶୂନ୍ୟରେ ଅଂକିତ ମୋର ଉନ୍ମାଦନାର ଆକୃତିକୁ ଚିହ୍ନି-ବାର । ହୁଏତ ମୁଁ ପହଞ୍ଚିଲା ବେଳକୁ ବହୁତ ଡେରି ହୋଇ ଯାଇଥିବ, ହୁଏତ ତାଙ୍କୁଇ ଖୋଜି ଖୋଜି ଅବଶିଷ୍ଟ ପଥ ମୋତେ ଅତିକ୍ରମ କରିବାକୁ ପଡ଼ିବ ଏକା ଏକା, ମରଣରୁ ମରଣଯାଏ । ଏମିତି ବି ତ କାହା କାହା ଭାଗ୍ୟରେ ଥାଏ !

ଲଳିତା ॥ ଧନ୍ୟ ରାଧା ! ଚଲାପଥ ତମର ଯେତେ ଦୀର୍ଘ ହେଉ, ସେ ପଥର ଉଭୟ ପାର୍ଶ୍ୱରେ ନିସ୍ତବ୍ଧ ଶୋଭା ପାଉଥିବ ଶ୍ୟାମ ତମାଳର ପଂକ୍ତି, ତମ ଚାଲିବାର ସମସ୍ତ ମଧୁର ହୋଇ ଉଠିବ ମାଳବଗର ମୂର୍ଚ୍ଛିତ ଲହରୀରେ ଆଉ ସେ ପଥ ଶେଷରେ ତମେ ପାଇବ ମହାନିର୍ବାଣ···

।। ପଞ୍ଚଦଶ ଦୃଶ୍ୟ ।।

(ପ୍ରଭାସ କ୍ଷେତ୍ରରେ ଆୟୋଜିତ ଯଜ୍ଞସ୍ଥଳୀର ମୁଖ୍ୟ ପ୍ରବେଶ ଦ୍ୱାରରେ ଦ୍ୱାରରକ୍ଷୀର ଦାୟିତ୍ୱରେ ମହାମନ୍ତ୍ରୀ ଅକ୍ରୂର, ତାଙ୍କ ସମ୍ମୁଖରେ ପ୍ରବେଶର ଅନୁମତି ପ୍ରତ୍ୟାଶାରେ ନନ୍ଦ, ଯଶୋଦା, ଲଳିତା, ରାଧା, ମଧୁ, ମଙ୍ଗଳ ଓ ଚନ୍ଦ୍ରସେଣ—)

ଅକ୍ରୂର ।। ସ୍ୱୀକାର କରୁଚି ରାଜା ନନ୍ଦ, ଆପଣମାନଙ୍କ ପାଇଁ କୌଣସି ଯାଦବ ଗୃହ ବା ଅନୁଷ୍ଠାନର ଦ୍ୱାର କୌଣସି ସମୟରେ କୌଣସି ଉପଲକ୍ଷରେ ବନ୍ଦ ରହିବା ଉଚିତ ନୁହେଁ । ଆପଣଙ୍କ ଋଣ ପରିଶୋଧ ଯାଦବମାନଙ୍କ ପକ୍ଷେ ସାଧ୍ୟାତୀତ ! କିନ୍ତୁ ଆଜି ମୁଁ ନିରୂପାୟ । ଯଦୁପତିଙ୍କ ଆଦେଶ, ତାଙ୍କ ଅନୁମତି ବ୍ୟତୀତ ସ୍ୱର୍ଗର ଦେବତା ମଧ୍ୟ ଯଜ୍ଞସ୍ଥଳୀକୁ ପ୍ରବେଶ କରିପାରିବେ ନାହିଁ—

ନନ୍ଦ ।। ତାକୁ ଟିକେ ଆଖି ପୂରାଇ ଦେଖିବୁ, ମନଭରି ଦି'ପଦେ ସୁଖ ଦୁଖ ହେବୁ, ଏତିକ ଛଡ଼ା ଅନ୍ୟ ପ୍ରତ୍ୟାଶା ଆମର ନାହିଁ ମହାମନ୍ତ୍ରୀ—

ଯଶୋଦା ।। ନିମିଷକର ଦେଖା, ପଦେ କଥା, ଏତିକ ଭିକ୍ଷା ଆମ ଥାଳରେ ପଡ଼ିଲେ କଣ ତମ ଯଜ୍ଞର ପୁଣ୍ୟଫଳ ଊଣା ହୋଇଯିବ, ଅକ୍ରୂର ? ଏତିକରେ କଣ ତମ ଯଦୁପତିଙ୍କ କୀର୍ତ୍ତିଚନ୍ଦ୍ର

Digitized by srujanika@gmail.com

ମଳନ ହୋଇଯିବ ? କିନ୍ତୁ ଏତିକିକୁ ସମ୍ବଳ କରି ଏ ବୁଢ଼ା-ବୁଢ଼ୀ ଦୁଇଟା ବାକି ଜୀବନ କେଇଟା ବିତାଇ ଦେଇ ପାରିବୁ । ଆମକୁ ଦସ୍ୟୁ ାକର ମହାମନ୍ତ୍ରୀ—

ଲଳିତା ॥ ନିଜକୁ ନ୍ୟୂନ କରୁଛ କାହିଁକି ଦେଈ ? ଆମେ କୃଷ୍ଣଙ୍କୁ ଭଲ ପାଉଛୁ, ନିଷ୍ଫଳ ହେଉ ବରଂ, ସେଇ ଗର୍ବଟିକକୁ ସଂବଳ କରି କଣ ଆମେ ବଞ୍ଚି ରହି ପାରିବା ନାହିଁ ?

ମଧୁ ॥ ମୁଁ ମୂଳରୁ ଜାଣିଥିଲି, ରବାହୂତ ହୋଇ ଆସିଲେ ଏଇଆ ହିଁ ହେବ—

ଅକ୍ରୂର ॥ ଆପଣମାନେ ଅତିଥିଶାଳାକୁ ଚାଲନ୍ତୁ, ବିଶ୍ରାମ କରନ୍ତୁ । ସମସ୍ତ ସୁଯୋଗ ଦେଖି ଯଦୁପତିଙ୍କୁ ଆପଣଙ୍କ ଆଗମନର ସମ୍ବାଦ ଜଣାଇଦେବି—

ମଧୁ ॥ ହେଲା ଏକ ପ୍ରକାର । ଯାଦବମାନଙ୍କ ପାଚକମାନେ କେତେ କୁଶଳୀ ଦେଖାଯାଉ—

ମଙ୍ଗଳ ॥ ନା, ଆମେ ଛାର ଗ୍ରାମ୍ୟ ଗୋପାଳ । ରାଜାଘରର ଅତିଥି ହେବାକୁ ଅତି ଅଯୋଗ୍ୟ ଆମେ । ଦୁଧ ଲହୁଣୀ ଭଳି ସ୍ନେହସାର ପଦାର୍ଥର ନିତିଦିନିଆ ସଂସର୍ଗ ଫଳରେ ଆମ ଭାବନା, କଥାବାର୍ତ୍ତା, ଆଚରଣ ସବୁ ତରଳ, ଚଞ୍ଚଳ । ଆମ ସ୍ଥୂଳ ଅଂଗ ସ୍ପର୍ଶରେ ତାଙ୍କ ଅତିଥିଶାଳାର ଅମର୍ଯ୍ୟାଦା ହେବ—

ମଧୁ ॥ ଏଇଟା ତୋର ହୀନମନ୍ୟତା, ମାନସିକ ଦାରିଦ୍ର୍ୟ—

ନନ୍ଦ ॥ ମଙ୍ଗଳ ଠିକ୍ କହୁଛି ମଧୁ, ରାଜକୀୟ ଐଶ୍ୱର୍ଯ୍ୟର ଶୀତଳ କାଠିନ୍ୟ ସହିତ ଆମେ ଅପରିଚିତ, ସେ ପରିବେଶରେ ଆମେ ସହଜ ହୋଇ ପାରିବା ନାହିଁ । ମହାମନ୍ତ୍ରୀ, ଆପଣ ଯଦୁପତିଙ୍କୁ ସଂବାଦ ଦିଅନ୍ତୁ···

Digitized by srujanika@gmail.com

ଅକ୍ରୂର ॥ ଆପଣ ଏଇଠି, ଏଇ ଖୋଲା ଆକାଶ ତଳେ···

ମଙ୍ଗଳ ॥ ଆପଣ ଆମ ପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ ମହାମନ୍ତ୍ରୀ, ପାଣି ଟୋପେ ପାଇଁ ଇନ୍ଦ୍ରଦେବତାଙ୍କ କରୁଣାକୁ; ରୋଗ ବ୍ୟାଧିରେ ଅଶ୍ୱିନୀକୁମାରଙ୍କୁ; ଦୁର୍ଭିକ୍ଷ, ଅନାଟନ ବେଳେ ରାଜଅନୁଗ୍ରହର ଭିକ୍ଷାମୁଠିକୁ ଅପେକ୍ଷା କରି ରହିବାର ଅଭ୍ୟାସ, ଆମର ଅଛି । ଆପଣ ଯଦୁପତିଙ୍କୁ ଖବର ଦିଅନ୍ତୁ, ନନ୍ଦ ଯଶୋଦା ଆସିଛନ୍ତି—

ମଧୁ ॥ ଶ୍ରୀମତୀ ରାଧାଙ୍କ ନାମ ମଧ୍ୟ ଉଲ୍ଲେଖ କରିପାରନ୍ତି—

ଅକ୍ରୂର ॥ ମୋତେ ବିଶ୍ୱାସ କରନ୍ତୁ ରାଜା ନନ୍ଦ, ଯଦୁପତିଙ୍କୁ ସାକ୍ଷାତ କରିବା ବର୍ତ୍ତମାନ ପାଇଁ ମୋ ପକ୍ଷରେ ମଧ୍ୟ ଅସମ୍ଭବ—

ନନ୍ଦ ॥ ତା'ହେଲେ ବିଦାୟ, ମହାମନ୍ତ୍ରୀ । ଚାଲ ଯଶୋଦା···

ଯଶୋଦା ॥ ହଁ ମୋ କାଳିକ ପୂରିଚି, ମାଣିକ ଚୂରିଚି, ଯେତେ ବାହୁନିଲେ ବି ପୁଅ ମୋର ମୋ କୋଳକୁ ଫେରିବ ନାହିଁ । ଏଥର ମୁଁ ଫେରିଯିବି ମୋ ନିଷ୍ପ୍ରଭତାର ଅନ୍ଧକାର ଭିତରକୁ । ସେଇଠି ବସି ରହିବି କାଳ ଅଜଗର ଗିଳିଦେବା ଯାଏ । କିନ୍ତୁ ଅକ୍ରୂର, କାହ୍ନୁକୁ ମୋର କହିଦେବ, ସେ କାଳସର୍ପର ଗର୍ଭ ଭିତରେ ବି ତାର ଯଶୋଦା ମାଆର ଏଇ ଦୁଇ ଆଖି ଯାପଣିଖା ଭଳି ଜଳୁଥିବ, ପୁଅର ଶୁଭ ମନାସି—

(ନନ୍ଦ ଯଶୋଦାଙ୍କ ଗହଣରେ ମଧୁ ମଙ୍ଗଳଙ୍କ ପ୍ରସ୍ଥାନ···)

ଅକ୍ରୂର ॥ ବିଦାୟ ରାଜା ନନ୍ଦ, ବିଦାୟ ରାଣୀ ଯଶୋଦା । ମୋର ପ୍ରଣାମ ନେନ । ପ୍ରତ୍ୟାଶା ବିହୀନ ସ୍ନେହର ମୂର୍ତ୍ତିମନ୍ତ ପ୍ରତୀକ ତମେ, ଅପରୂପ ବାତ୍ସଲ୍ୟ ମମତାର ପ୍ରାଣବନ୍ତ ବିଗ୍ରହ । ଆର୍ଯ୍ୟାବର୍ତ୍ତର ଏ ନରପତିମାନଙ୍କର ଦୁର୍ଭାଗ୍ୟ, ସେମାନେ

Digitized by srujanika@gmail.com

ତମ ପାଦଧୂଳିରୁ ଟିକିଏ ବା ଉଚ୍ଛିଷ୍ଟାମୃତର କଣିକାଏ ପାଇ ପାରିଲେ ନାହିଁ—

ଚନ୍ଦ୍ରସେଣ ॥ ପ୍ରଣାମ ମହାମନ୍ତ୍ରୀ—

ଅକ୍ରୂର ॥ ତମେ···ତମେ ଚନ୍ଦ୍ରସେଣ !

ଚନ୍ଦ୍ରସେଣ ॥ ହଁ ମହାଭାଗ, ମୁଁ ଏବେ ମଧ୍ୟ ବଞ୍ଚିଛି । କିନ୍ତୁ ହାତର ଏଇ ଆଶୀର୍ବାଦ, ମୋ ନାମର ଶେଷ ଅକ୍ଷରରେ ଆ'କାର ମାତ୍ରା ହୋଇ ଯୋଡ଼ି ଯାଇଛି । ନାମ ପରିବର୍ତ୍ତନ କ୍ରମେ ମୁଁ ହୋଇଛି ଚନ୍ଦ୍ରସେଣା—

ଅକ୍ରୂର ॥ କାରଣ ଯାହା ହେଉ ଚନ୍ଦ୍ରସେଣ, ଏବେ ବି ବିଶେଷ ବିଳମ୍ବ ହୋଇ-ନାହିଁ । ପୁନର୍ବାସନର ସବୁ ସୁଯୋଗ ତମେ ପାଇବ । ଏମିତି କି ତମ ଯୋଗ୍ୟତା ଆଉ ଅଭିଜ୍ଞତା ଅନୁଯାୟୀ, ଦ୍ୱାରକା ରାଜ୍ୟରେ ଉପଯୁକ୍ତ ପଦାଧିକାର ପାଇପାରିବ ।

ଚନ୍ଦ୍ରସେଣ ॥ କୌଣସି ବିଶେଷ ସୁବିଧା ସୁଯୋଗ ପାଇଁ ନୁହେଁ, ମୁଁ ଯାହାବି କରିଛି; ମୋର କର୍ତ୍ତବ୍ୟ ଭାବରେ । ଯାହା କିଛି ପାଇଛି, ଭଲ ଓ ମନ୍ଦ, ମୋ କୃତକର୍ମର ପୂର୍ବ ନିର୍ଦ୍ଧାରିତ ପରିଣତି ସ୍ୱରୂପ । ମୁଁ ଯେଉଁଠି ଯେମିତି ଅଛି, ସୁଖ ଶାନ୍ତି ନ ପାଇଲେ ବି, ଭଲରେ ଅଛି ମହାମନ୍ତ୍ରୀ, ଆପଣ ଏ ପର୍ଯ୍ୟନ୍ତ ମୋତେ ମନେ ରଖିଛନ୍ତି, ସେଇ ମୋର ପରମ ସୌଭାଗ୍ୟ । ମୋତେ ବିଦାୟ ଦିଅନ୍ତୁ··· (ଅକ୍ରୂର ଓ ଚନ୍ଦ୍ରସେଣ ପ୍ରସ୍ଥାନ)

ଲଳିତା ॥ ଚାଲ ସଖୀ, ଆମେ ବି ଫେରିବା···

ରାଧା ॥ ତୁ ଯା' ଲଳିତା, ମୁଁ କେମିତି ଆଉ କୁଆଡ଼େ ଯିବି ! ମୋ ପଥ ଯେ ଭିନ୍ନ—

ଲଳିତା ॥ ତମେ କଣ ଆହୁରି ଅପେକ୍ଷା କରିବ ରାଧା ?

ରାଧା ॥ କାହାକୁ ଅପେକ୍ଷା କରିବ, କାହିଁକି ? ମୋ କୃଷ୍ଣ ତ ଗଢ଼ା

Digitized by srujanika@gmail.com

ମୋ ନିଜସ୍ୱ ଉପାଦାନମାନଙ୍କରେ । ସେ ମୋ ସୃଷ୍ଟିର ସାରାଂଶ, ମୋ ସ୍ୱତ୍ୱର ନିର୍ଯ୍ୟାସ । ମୋ ହାତରେ ତାଙ୍କର ଏଇ ବଇଁଶୀ, ଯାହାର ମାଦକ ମୂର୍ଚ୍ଛନାର ସୁରଭିଧାରରେ ସ୍ନାନ କରି ରୋମାଞ୍ଚିତ ପୁଲକିତ ମୋର ସର୍ବସତ୍ତା ସଂଗୀତର ସେହି ତାଳେ ତାଳେ ରଚି ଚାଲିଥିବ ତାର ମୁଗ୍ଧ ଏକକ ରାସ । ଦୃଶ୍ୟାନ୍ତରେ ମୋ ମନର ନୀଳ ରାଜହଂସ ମୋ ପାଖକୁ ନ ଫେରିବା ଯାଏ—

(ରାଧାଙ୍କ ସହିତ ଲଳିତାଙ୍କ ଉପରୋକ୍ତ ସଂଳାପ ମଧ୍ୟରେ ଚନ୍ଦ୍ରସେଣ ଏକାକୀ ପୁଣି ଫେରିଛନ୍ତି କିନ୍ତୁ ଲଳିତା ରାଧାଙ୍କ କଥୋପକଥନ ଶୁଣି ନେପଥ୍ୟରେ ଅଟକି ଯାଇଛନ୍ତି ନୀରବରେ ସଂତର୍ପଣରେ, କିନ୍ତୁ ରାଧାଙ୍କ ଉକ୍ତି ଶେଷରେ ଭାବବିହ୍ୱଳ ହୋଇ ଉଠିଛନ୍ତି)

ଚନ୍ଦ୍ରସେଣ ॥ ଧନ୍ୟ ରାଧା, ଧନ୍ୟ ତମର ପ୍ରଣୟ, ଧନ୍ୟ ତମର ଚ୍ରତ୍ୟୟ—

(ରାଧା ନୀରବରେ ମଥା ନୁଆଇଁ ଠିଆହେଲେ)

ଚନ୍ଦ୍ରସେଣ ॥ ନା ରାଧା, ମୁଣ୍ଡ ତଳକୁ ପୋତନାହିଁ । ପ୍ରେମ ଅପରାଧ ନୁହେଁ । ପ୍ରେମ ଲଜ୍ଜାର କାରଣ ନୁହେଁ । ପ୍ରେମ ଏକ ନିସର୍ଗ ଭାବ, ଏକ ଆନନ୍ଦ, ଏକ ଉତ୍ତରଣ···ଜୀବନର ଶ୍ରେଷ୍ଠ ଗୌରବ···

(ରାଧା ହଠାତ୍ ଦ୍ରୁତ ପଦଚାଳନା ପୂର୍ବକ ମଞ୍ଚରୁ ନିଷ୍କ୍ରାନ୍ତ ହେଲେ— ପଛେ ପଛେ ବିହ୍ୱଳିତ ସ୍ୱରରେ 'ରାଧା' 'ରାଧା' ଡାକି ଲଳିତା ଓ ଚନ୍ଦ୍ରସେଣଙ୍କର ମଧ୍ୟ ପ୍ରସ୍ଥାନ— କିଛି କ୍ଷଣ ପରେ ଚନ୍ଦ୍ରସେଣଙ୍କର

Digitized by srujanika@gmail.com

ଏକାକୀ ମଞ୍ଚ ଉପରକୁ ପ୍ରତ୍ୟାବର୍ତ୍ତନ—ଆଖିରେ କାରୁଣ୍ୟ, ଭଙ୍ଗୀରେ ଅବସାଦ)

ଚନ୍ଦ୍ରସେଣ ॥ ବିଦ୍ୟୁତବରଣା ରାଧା ମିଶିଗଲା, ହଜିଗଲା, ଆକାଶ ଓ ଧରଣୀର ସଦାଲୋକିତ ମିଳନ ବିନ୍ଦୁରେ—

(ଚନ୍ଦ୍ରସେଣ ଚିତାର୍ପିତ ଭଳି ଦଣ୍ଡାୟମାନ, ଆଲୋକର ଆନ୍ଦୋଳନ ଆଉ ବଂଶୀର ଏକକ ମଂଦ୍ର ଦୁଃଖାକ୍ରାନ୍ତ ସ୍ୱନ ମଧ୍ୟରେ ପ୍ରବେଶ କଲେ ଯଦୁପତି କୃଷ୍ଣ । ଚନ୍ଦ୍ରସେଣ ତାଙ୍କ ଚତୁର୍ଦ୍ଦିଗରେ ପ୍ରଦକ୍ଷିଣା ଭଙ୍ଗୀରେ ଘୂରି ନିରୀକ୍ଷଣ କରୁ କରୁ)

ଚନ୍ଦ୍ରସେଣ ॥ ଧନ୍ୟବାଦ ଯଦୁପତି ଶ୍ରୀକୃଷ୍ଣ, ଦେଖାଦେବାକୁ ଶେଷ ପର୍ଯ୍ୟନ୍ତ ସମୟ ଟିକେ ପାଇଲ । ସବୁ ବିଜୟ ରଥର ଦକ୍ଷ ସାରଥୀ, ସବୁ କର୍ମର କର୍ତ୍ତା ଆଉ କାରଣ, ସବୁ ନାଟକର ଶେଷତମ ଆଉ ଶ୍ରେଷ୍ଠତମ କୁଶୀଲବ, ତମକୁ ମୋର ଅସଂଖ୍ୟ ଧନ୍ୟବାଦ ।

ଆଉ ଟିକେ ଆଗରୁ ଆସିଥିଲେ ଦେଖିଥାଆନ୍ତ, ଅଲୋଡ଼ା ସ୍ନେହର ଉଚ୍ଛୁଳା ଧାରରେ ଭୂଇଁ ତିନ୍ତାଇ କେମିତି ଫେରି-ଗଲେ ନନ୍ଦ-ଯଶୋଦା । ଦେଖିଥାନ୍ତ ପ୍ରଣୟର ନୀଳ-ସ୍ମୃତିକୁ ସଂବଳ କରି ଅଭିମାନର ନୀଳ ସାଗର ମଧ୍ୟରେ କେମିତି ପ୍ରାଣ ଝାସିଲା ରାଧା ।

ତମେ ବି ତ ନୀଳସିନ୍ଧୁ କରୁଣାର···

(ଏକ ଅଶାନ୍ତ କାରୁଣ୍ୟ ବ୍ୟଞ୍ଜକ ସମୟ ବ୍ୟବଧାନ ପରେ) ନା କୃଷ୍ଣ ମୋ ନିଜ ପକ୍ଷରେ କିଛି କହିବାର ନାହିଁ । (ଆବୃତ୍ତି)

Digitized by srujanika@gmail.com